ମୁଠୋଟି ଦୀପଶିଖା

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା

ଜନଶିକ୍ଷା ଭବନ, ଭୁବନେଶ୍ୱର

Digitized by srujanika@gmail.com

ଚାରୋଟି ଦୀପଶିଖା

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଭୁବନେଶ୍ୱର - ୧

Digitized by srujanika@gmail.com

ଚାରୋଟି ଦୀପଶିଖା

ଲେଖକ : ଭାଗୀରଥି ନେପାକ
ବଳରାମ ମହାନ୍ତି
ଡକ୍ଟର ସଂଘମିତ୍ରା ମିଶ୍ର
ପ୍ରଥମ ସଂସ୍କରଣ ୧୯୯୭
ପ୍ରକାଶନ ସଂଖ୍ୟା : ଏସ୍.ଆର୍.ସି.- ୧୯୭-୨୯/୯୭
ମୁଦ୍ରଣ ସଂଖ୍ୟା ୨୦୦୦
ପ୍ରକାଶକ ଡକ୍ଟର ବିମଳେନ୍ଦୁ ମହାନ୍ତି, ନିର୍ଦ୍ଦେଶକ
ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଜନଶିକ୍ଷା ଭବନ, ୟୁନିଟ୍-୫, ଭୁବନେଶ୍ୱର - ୧
ମୁଦ୍ରଣ ନିଶ୍ୱାସ, ଭୁବନେଶ୍ୱର - ୭୫୧ ୦୧୬
ମୂଲ୍ୟ : ପାଞ୍ଚଟଙ୍କା ମାତ୍ର

CHAROTI DEEPASIKHA

Authors **Bhagirathi Nepak**
Balaram Mohanty
Dr. Sanghamitra Mishra
1st Edition 1997
Publication No. SRC - 197-29/97
No. of Copies 2000
Publisher Dr. Bimalendu Mohanty
Director
State Resource Centre for Adult Education
Orissa,
Janasiksha Bhavan
Unit-V, Bhubaneswar - 751 001
Printed at NISWASS, Bhubaneswar - 751 016
Price Rs. 5.00 only

Digitized by srujanika@gmail.com

ସୂଚୀପତ୍ର

ବିଷୟ	ଲେଖକ	ପୃଷ୍ଠା
ଆଗ୍ର୍ଯ୍ୟ ହରିହର	- ଭାଗୀରଥି ନେପାକ	୧
ଉତ୍କଳ କେଶରୀ ମହତାବ	- ଡଃ ସଂଘମିତ୍ରା ମିଶ୍ର	୧୧
ସର୍ବୋଦୟ ନେତା ଗୋପବନ୍ଧୁ ଚୌଧୁରୀ	- ବଳରାମ ମହାନ୍ତି	୧୯
ଜନନାୟକ ନବକୃଷ୍ଣ ଚୌଧୁରୀ	- ବଳରାମ ମହାନ୍ତି	୩୩

Digitized by srujanika@gmail.com



Digitized by srujanika@gmail.com

ଆଗ୍ୟର୍ଯ୍ୟ ହରିହର

''ସେଇଠାକୁ ମୋତେ ନିଅ ମହାପ୍ରଭୁ
ସେଇଠାକୁ ମୋତେ ନିଅ ।
ଯେଉଁଠାରେ ଖାଲି ଲୁହ
ମୁଁ ପୋଛିବି ତାଙ୍କର ଲୁହ ।''

ଜୀବନର ଶେଷ ବେଳାରେ ଭକ୍ତ ଭଗବାନଙ୍କୁ ଡାକେ । କହେ, ''ମୋତେ ଶାନ୍ତି ଦିଅ । ଦୁଃଖ ଦିଅ ନାହିଁ । ମରଣ ପରେ ସରଗ ପୁରକୁ ନିଅ । ମୋତେ ଉଦ୍ଧାର କର ।''

କିନ୍ତୁ ଆମ ଭିତରେ ଆଉ ପ୍ରକାରେ ମଣିଷ ଥାଆନ୍ତି, ସେମାନେ ନିଜର ସୁଖ ଦୁଃଖ କଥା ଭାବନ୍ତି ନାହିଁ । ସରଗକୁ ଯିବା ପାଇଁ ଚ୍ୱାହାନ୍ତି ନାହିଁ । ଗରିବ ମଣିଷଙ୍କ ପାଖରେ ରହିବାକୁ ଚ୍ୱାହାନ୍ତି । ଗରିବଙ୍କ ଆଖିର ଲୁହ ପୋଛିବାକୁ ଚ୍ୱାହାନ୍ତି । ଲୋକଙ୍କ ଦୁଃଖରେ ଦୁଃଖୀ ହୋଇ

Digitized by srujanika@gmail.com

କାନ୍ଦନ୍ତି । ସେମାନଙ୍କ ସେବାରେ ଜୀବନ କଟେଇ ଦେବାକୁ ଗ୍ଚହାନ୍ତି ।

ଏହିପରି ମଣିଷ ଥିଲେ ହରିହର । ତାଙ୍କୁ 'ଆଗ୍ଚର୍ଯ୍ୟ ହରିହର', 'ଋଷି ହରିହର' ବୋଲି କୁହଯାଉଥିଲା । ତାଙ୍କର ସାରା ଜୀବନ ଲୋକ ସେବା ଓ ଦେଶ ସେବାରେ କଟିଥିଲା ।

ହରିହର ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଶାସନରେ ୧୮୭୯ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମହାଦେବ ବର୍ମା । ହରିହର ନିଜ ଗାଁ ବିଦ୍ୟାଳୟରେ ପଢ଼ିସାରି ଅଧିକ ପାଠ ପଢ଼ିବାକୁ ପୁରୀ ସହରକୁ ଗଲେ ।

ସେତେବେଳେ ଆମ ଦେଶ ପରାଧୀନ ଥିଲା । ଇଂରେଜମାନେ ଆମ ଦେଶ ଶାସନ କରୁଥିଲେ । ଇଂରାଜୀ ପାଠ ପଢ଼ିଲେ ବଡ଼ ଗ୍ଚକିରି ମିଳୁଥିଲା । ଇଂରାଜୀ ପାଠ ପଢ଼ାଇବାକୁ ତାଙ୍କ ବାପା ହରିହରଙ୍କୁ ପୁରୀ ପଠାଇଥିଲେ ।

ଗୋପବନ୍ଧୁଙ୍କ ସହିତ ଭେଟ

ପୁରୀ ସହରରେ ହରିହର ଗୋପବନ୍ଧୁଙ୍କୁ ଭେଟିଲେ । କଥା ଅଛି--

"ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ ।"

Digitized by srujanika@gmail.com

ଦୁହେଁ ଦୁହିଁଙ୍କୁ ଚିହ୍ନି ଖୁସି ହେଲେ । ମନ ସଙ୍ଗେ ମନ ମିଶିଗଲା । ହରିହର ଗୁଣୀ ଗୋପବନ୍ଧୁଙ୍କୁ ଗୁରୁ କଲେ । ସେହି ଦିନଠାରୁ ଦୁହେଁ ଦୁହିଁଙ୍କୁ ଛାଡ଼ିପାରିଲେ ନାହିଁ । ଉଭୟେ ଦେଶ ସେବାରେ ମନ ଦେଲେ । ଗୋପବନ୍ଧୁଙ୍କ କାଳ ହେବାଯାଏ ହରିହର ତାଙ୍କର ବନ୍ଧୁ ହୋଇ ରହିଥିଲେ ।

ହରିହରଙ୍କ ପ୍ରତିଜ୍ଞା

ପାଠପଢ଼ା ଶେଷ ହେଲା । ଦିନେ ରାତିରେ ହରିହର ଭାର୍ଗବୀ ନଦୀ କୂଳକୁ ଗଲେ । ସେଠାରେ ଗୋପବନ୍ଧୁ, ନୀଳକଣ୍ଠ ଓ ଅନନ୍ତ ମିଶ୍ର ଥିଲେ । ଗୃରିଜଣ ଯାକ ନିଜ ଭବିଷ୍ୟତ କଥା ଭାବିଲେ । ଶେଷରେ ପ୍ରତିଜ୍ଞା କଲେ, "ଆମେ ସରକାରୀ ଗ୍ରକିରି କରିବା ନାହିଁ । ନିଜର ପେଟ ଚିନ୍ତା କରିବା ନାହିଁ । ଏବେ ଦେଶକୁ ଯେପରି ଦେଖୁଛେ, ମଲାବେଳେ ଏହାଠାରୁ ଭଲ ଅବସ୍ଥାରେ ଛାଡ଼ିଯିବା । ଏହି ପ୍ରତିଜ୍ଞା ପୂରଣ କରିବା ।"

ଏହାପରେ ଏହି ପ୍ରତିଜ୍ଞା ହରିହରଙ୍କୁ ବାଟ କଢ଼ାଇଲା । ଏହି ପ୍ରତିଜ୍ଞା ହରିହରଙ୍କ ଜୀବନର ଆଦର୍ଶ ହେଲା । ଯେତେ ବାଧା ବିପଦ ପଡ଼ିଲେ ବି ସେ ହଟିନଥିଲେ ।

Digitized by srujanika@gmail.com

କର୍ମମୟ ଜୀବନ

ସେତେବେଳେ ଏଫ୍.ଏ. ପାଠ ପରେ ଓକିଲାତି ପାଠପଢ଼ା ହେଉଥିଲା । ହରିହରଙ୍କ ପିତା ହରିହରଙ୍କୁ ଓକିଲ କରିବାକୁ ଚାହୁଁଥିଲେ । ଭାବୁଥିଲେ, ପୁଅ ଓକିଲ ହେଲେ ରୋଜଗାର ବଢ଼ିବ । ଘର ସୁବିଧାରେ ଚଳିବ । ଅଭାବ ରହିବ ନାହିଁ ।

ହରିହର ଧନୀ ହେବାକୁ ଚାହିଁଲେ ନାହିଁ । ଧନର ମୋହ ତାଙ୍କର ନଥିଲା । ଦେଶର ସେବା କରିବା ପାଇଁ ମନ ଧାଇଁଲା । ପିଲାଙ୍କୁ ପାଠ ପଢ଼ାଇ ମଣିଷ କରିବେ ବୋଲି ଠିକ୍ କଲେ । ଓକିଲାତି ନ ପଢ଼ି ଶିକ୍ଷକ ହେବା ପାଇଁ ମନ କଲେ । ସେ ପୁରୀ ଜିଲ୍ଲା ସ୍କୁଲରେ ଶିକ୍ଷକ ଭାବରେ ଯୋଗଦେଲେ । ପୁରୀ ଜିଲ୍ଲା ସ୍କୁଲ ଥିଲା ସରକାରୀ ସ୍କୁଲ । ଶିକ୍ଷକମାନେ ଇଂରେଜ ସରକାରଙ୍କ ପାଖରୁ ଦରମା ପାଉଥିଲେ । ହରିହରଙ୍କର ପ୍ରତିଜ୍ଞା କଥା ମନେ ପଡ଼ିଲା । ସରକାରୀ ଦରମା ଆଣି ଚଳିବା ପାଇଁ ତାଙ୍କ ମନ ମାନିଲା ନାହିଁ । ସେ ସଙ୍ଗେ ସଙ୍ଗେ ଚାକିରି ଛାଡ଼ିଦେଲେ । ଯିଏ ଯେତେ କରି ବୁଝାଇଲେ ବି ମାନିଲେ ନାହିଁ ।

ଏହାପରେ ହରିହର ଗଡ଼ଜାତ ରାଜ୍ୟ ନୀଳଗିରିକୁ ଗଲେ । ସେଠାରେ ନୀଳଗିରି ଉଚ୍ଚବିଦ୍ୟାଳୟରେ ଶିକ୍ଷକ ହୋଇ ରହିଲେ । କିଛିକାଳ ପରେ ନୀଳଗିରି ବିଦ୍ୟାଳୟ ବନ୍ଦ ହୋଇଗଲା । ତେଣୁ ସେଠାରୁ କଟକ ଆସିଲେ । କଟକରେ ପ୍ୟାରୀମୋହନ ଏକାଡ଼େମୀ

Digitized by srujanika@gmail.com

ଖୋଲିଥାଏ । ପ୍ୟାରୀମୋହନ ଆଗ୍ରର୍ଯ୍ୟ ଏ ସ୍କୁଲ ଘରୋଇ ଭାବେ ଆରମ୍ଭ କରିଥାନ୍ତି । ହରିହର ଏହି ସ୍କୁଲରେ ଯୋଗଦେଲେ ।

ଇଂରାଜୀ ବ୍ୟାକରଣ ବହି

ହରିହର ଗଣିତ ଶିକ୍ଷକ ଥିଲେ । ପ୍ୟାରୀମୋହନ ଏକାଡ଼େମୀରେ ସେ ଗଣିତ ପଢ଼ାଉଥିଲେ । ସେ ଦେଖିଲେ, ଓଡ଼ିଆ ପିଲାମାନେ ଇଂରାଜୀ ଭାଷାରେ ଭଲ କରି ପାରୁନାହାନ୍ତି । ଇଂରାଜୀ ବିଷୟରେ ଫେଲ୍ ହେଉଛନ୍ତି । ପିଲାଙ୍କ ପାଇଁ ସେ ସରଳ ଇଂରାଜୀ ବ୍ୟାକରଣ ବହି ଲେଖିଲେ । ଏ ବହି ଶିକ୍ଷକ ଓ ପିଲାଙ୍କ ପାଇଁ ଉପକାରୀ ହେଲା । ଏବେ ମଧ୍ୟ ଏ ବହିର ଆଦର ରହିଛି ।

ସତ୍ୟବାଦୀ ବନ ବିଦ୍ୟାଳୟ

ଗୋପବନ୍ଧୁ ପିଲାମାନଙ୍କୁ ଭଲ ମଣିଷ ଭାବରେ ଗଢ଼ିବାକୁ ଗ୍ରହିଁଲେ । ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଠାରେ ଏକ ବନ ବିଦ୍ୟାଳୟ ଖୋଲିଲେ । ବନ ବିଦ୍ୟାଳୟରେ ଯୋଗଦେବା ପାଇଁ ବନ୍ଧୁ ହରିହରଙ୍କୁ ଡାକିଲେ ।

ଗୋପବନ୍ଧୁଙ୍କ ଡାକରା ପାଇ ହରିହର ଗ୍ଲି ଆସିଲେ । ସେ ବନ ବିଦ୍ୟାଳୟରେ ଯୋଗଦେଲେ । ସେତେବେଳେ ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ ମଧ୍ୟ ବିଦ୍ୟାଳୟରେ ପାଠ ପଢ଼ାଉଥିଲେ ।

Digitized by srujanika@gmail.com

ହରିହର ଆସି ଏମାନଙ୍କ ସଙ୍ଗରେ ମିଶିଲେ । ଏମାନଙ୍କୁ 'ପଞ୍ଚସଖା କୁହାଗଲା । ଏମାନେ ପିଲାଙ୍କୁ ଭଲ ଶିକ୍ଷା ଦେଇ ଭଲ ମଣିଷ କରିବାକୁ ଚେଷ୍ଟା କରୁଥିଲେ । ପାଠ ପଢ଼ାଇବା ସଙ୍ଗେ ସଙ୍ଗେ ଦେଶ ସେବାରେ ଲାଗି ପଡ଼ିଥିଲେ । ଏମାନଙ୍କ କାମ ଦେଖି ଲୋକେ ଧନ୍ୟ ଧନ୍ୟ କଲେ ।

ସେତେବେଳେ ବନ ବିଦ୍ୟାଳୟ ଜାତୀୟ ଶିକ୍ଷାର କେନ୍ଦ୍ର ଥିଲା । ଆଦର୍ଶ ସମାଜ ଗଠନ ଓ ଗରିବଙ୍କ ସେବା ଏହାର ଲକ୍ଷ୍ୟ ଥିଲା । ଏହାକୁ ମଣିଷ ଗଢ଼ା ମନ୍ଦିର ବୋଲି କୁହାଯାଉଥିଲା ।

ସ୍ୱାଧୀନତା ସଂଗ୍ରାମ

ବନ ବିଦ୍ୟାଳୟ ହେଲା ସ୍ୱାଧୀନତା ସଂଗ୍ରାମର ତାଲିମ କେନ୍ଦ୍ର । ଏହି ପାଠରୁ ଗୋପବନ୍ଧୁ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କଲେ । ହରିହର ସେହି ସଂଗ୍ରାମର ହେଲେ ସାରଥି ।

ଲବଣ ସତ୍ୟାଗ୍ରହ

୧୯୩୦ ମସିହାରେ ସାରା ଭାରତରେ ଲବଣ ସତ୍ୟାଗ୍ରହ ହେଲା । ଏହା ଥିଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ।

ଇଞ୍ଚୁଡ଼ିରେ ଲୁଣ ମାରିବା ପାଇଁ ସତ୍ୟାଗ୍ରହ ଚାଲିଲା । ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ସଙ୍ଗରେ ବହୁ କର୍ମୀ କଟକରୁ ଯାତ୍ରା

Digitized by srujanika@gmail.com

ଆରମ୍ଭ କଲେ । ସମସ୍ତେ ଏହାକୁ ସ୍ୱାଗତ କଲେ । ରାସ୍ତାରେ କଳସ, ଦୀପ ପ୍ରଭୃତି ବସାଇ ଶୁଭ ମନାସିଲେ ।

୧୯୩୦ ମସିହା ଅପ୍ରେଲ ମାସ ୧୩ ତାରିଖ ଦିନ ସତ୍ୟାଗ୍ରହୀମାନେ ଲୁଣ ମାରିଲେ । ଇଂରେଜ ସରକାର ଲୁଣ ମାରିବାକୁ ମନା କରିଥିଲେ । କେହି ସେ ଆଇନ୍‌କୁ ମାନିଲେ ନାହିଁ । ହରିହରଙ୍କୁ ଏଥିପାଇଁ ଇଞ୍ଚୁଡ଼ିରେ ଗିରଫ କରାହେଲା ।

ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ

୧୯୩୧ ମସିହାରେ ଗାନ୍ଧି-ଇର୍‌ୱଇନ୍ ଚୁକ୍ତି ହେଲା । ସ୍ୱାଧୀନତା ଲଢ଼େଇର କର୍ମୀମାନେ ଖଲାସ ହେଲେ । ପୁଣି ଗାନ୍ଧିଜୀ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ଡାକରା ଦେଲେ । ଓଡ଼ିଶାରେ ଏହାର ନେତୃତ୍ୱ ନେଲେ ଗୋପବନ୍ଧୁ ଚୌଧୁରୀ ଓ ହରିହର । ଫଳରେ ଏମାନେ ଜେଲ୍‌ଦଣ୍ଡ ଭୋଗିଲେ ।

ହରିଜନ ଆନ୍ଦୋଳନ

୧୯୩୪ ମସିହାରେ ମହାତ୍ମା ଗାନ୍ଧି ଓଡ଼ିଶା ଆସିଲେ । ସେ ଓଡ଼ିଶାରେ ହରିଜନ ପଦଯାତ୍ରା ଆରମ୍ଭ କଲେ । ପଦଯାତ୍ରା ଶେଷବେଳକୁ ହରିହର ଜେଲ୍‌ରୁ ଫେରିଲେ । ସଙ୍ଗେ ସଙ୍ଗେ ଓଡ଼ିଶାର ହରିଜନ ଆନ୍ଦୋଳନର ନେତୃତ୍ୱ ନେଲେ ହରିହର ।

Digitized by srujanika@gmail.com

ଭାରତ ଛାଡ଼ ଡାକରା

୧୯୪୨ ମସିହାରେ ମହାତ୍ମା ଗାନ୍ଧି ଇଂରେଜ ସରକାରକୁ ଭାରତ ଛାଡ଼ ଡାକରା ଦେଲେ । ସାରା ଭାରତରେ ଏ ଡାକରା ଜାଗରଣ ଖେଳାଇଦେଲା । ସାରା ଦେଶ ଅସହଯୋଗ ଆନ୍ଦୋଳନରେ ଝାସ ଦେଲା ।

ହରିହର ଏଥିରେ ଯୋଗଦେଇ ଗିରଫ ହେଲେ । ସେ ଦୁଇ ବର୍ଷ ଯାଏ ବନ୍ଦୀ ହେଲେ । ସେତେବେଳେ ହରିହରଙ୍କ ବୟସ ଚଉଷଠି ବର୍ଷ ।

ନାରୀ ଜାଗରଣ ଓ ହରିହର

ସ୍ୱାଧୀନତା ସଂଗ୍ରାମବେଳେ ଓଡ଼ିଶାରେ ନାହିଁ ନ ଥିବା ନାରୀ ଜାଗରଣ ଦେଖାଦେଲା । ସରଳା ଦେବୀ, ରମାଦେବୀ ଓ ମାଳତୀଦେବୀ ଆଦି ମହିଳାମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ । କମ୍ ବୟସର ଝିଅମାନଙ୍କୁ କାମରେ ଲଗାଇ ରଖିବା ପାଇଁ ଗୋପବନ୍ଧୁ ହରିହରଙ୍କୁ ବାଛିଲେ ।

୧୯୨୪ ମସିହାରେ ହରିହର ପୁରୀ ବିଧବାଶ୍ରମ ଦାୟିତ୍ୱ ନେଇଥିଲେ । ତାଙ୍କ ନେତୃତ୍ୱରେ ପୁରୀରେ ମହିଳା ତାଲିମ କେନ୍ଦ୍ର ପରିଚାଳିତ ହେଲା ।

ଭୂଦାନ ପଦଯାତ୍ରା

ଭାରତ ସ୍ୱାଧୀନ ହେଲା । ବିନୋବା ଭୂଦାନ ଯଜ୍ଞ ଆରମ୍ଭ କଲେ । ୧୯୫୨ ମସିହାରେ ବିନୋବାଜୀ ଓଡ଼ିଶା ଆସିଲେ । ସେ ଭୂଦାନ

Digitized by srujanika@gmail.com

ପଦଯାତ୍ରା ଆରମ୍ଭ କଲେ । ଲୋକେ ନିଜ ଇଚ୍ଛାରେ ନିଜର ଜମିବାଡ଼ି ବିନୋବାଙ୍କୁ ଦାନ କଲେ । ସେ ଜମି ନ ଥିବା ଲୋକମାନଙ୍କୁ ଏଇ ଜମିସବୁ ବାଣ୍ଟିଲେ ।

ହରିହର ଆନନ୍ଦରେ ବିନୋବାଙ୍କ ଭୂଦାନ ଯାତ୍ରାରେ ଯୋଗ ଦେଇଥିଲେ । ସେ ଏକ ସୁନ୍ଦର ଭାରତର କଳ୍ପନା କରୁଥିଲେ । ସେଠାରେ କେହି ଧନୀ ନ ଥିବେ କି କେହି ଗରିବ ନ ଥିବେ । ସମସ୍ତଙ୍କର ଜମିବାଡ଼ି ଥିବ । ସମସ୍ତେ ଜମିରେ କାମ କରୁଥିବେ । ଫସଲ ଉପୁଜାଇ ସୁଖରେ ଚଳୁଥିବେ । ସାହୁକାର ଓ ମଜୁରିଆ ମଧ୍ୟରେ ଭେଦଭାବ ନ ଥିବ ।

୧୯୫୮ ମସିହାରେ ଭୂଦାନ ନେତା ଗୋପବନ୍ଧୁ ଚୌଧୁରୀ ଦେହତ୍ୟାଗ କଲେ । ତାଙ୍କ ପରେ ହରିହର ଭୂଦାନ ଆନ୍ଦୋଳନ ନିଜେ ସମ୍ଭାଳିଲେ । ଏଥିପାଇଁ ତାଙ୍କୁ ହଜାର ହଜାର ମାଇଲ ବୁଲିବାକୁ ପଡ଼ିଥିଲା । ଦେହ ଅବଶ ହେଲେ ହେଁ ମନ ତାଙ୍କର ସତେଜ ଥିଲା ।

ମଣିଷ ଭଳି ମଣିଷଟିଏ

ହରିହର ଜୀବନରେ କାମ କରିବା ଓ ସେବା କରିବା ହିଁ ଜାଣିଥିଲେ । ସେବା କଲାବେଳେ ଲାଭକ୍ଷତିର ହିସାବ କରୁ ନ ଥିଲେ । ସେବା ହିଁ ତାଙ୍କର ଜୀବନ ଥିଲା ।

ହରିହର ଜୀବନରେ କେବେହେଲେ ପଦପଦବୀ ଓ ଧନ ପଛରେ ଗୋଡ଼ାଇ ନ ଥିଲେ । ଜନସେବା ପାଇଁ ବାହା ବାହା ଶୁଣିବାକୁ ଅପେକ୍ଷା କରୁ ନ ଥିଲେ ।

ବାତ୍ୟା ଓ ବନ୍ୟାବେଳେ ଲୋକଙ୍କ ସେବା ପାଇଁ ହରିହର ଆପେ

Digitized by srujanika@gmail.com

ଆପେ ପହଞ୍ଚି ଯାଉଥିଲେ । ରୋଗୀ ସେବା ତାଙ୍କ ଜୀବନର ବ୍ରତ ଥିଲା । ଏବେ ମଧ୍ୟ ବାତ୍ୟା ଓ ବନ୍ୟା ବେଳେ ଲୋକେ ହରିହରଙ୍କୁ ମନେପକାଉଛନ୍ତି ।

ଆଶ୍ଚର୍ଯ୍ୟର କଥା, ହରିହର ଜୀବନରେ କେବେ ମିଛ କହି ନ ଥିଲେ । ସେ ଜୀବନରେ କାହାରି ମନରେ ଦୁଃଖ ଦେଲାଭଳି କିଛି କରି ନ ଥିଲେ । ସତକଥା ଓ ନ୍ୟାୟ କଥା କହିବାକୁ ସେ ସର୍ବଦା ପସନ୍ଦ କରୁଥିଲେ । ଅନ୍ୟାୟ ଦେଖିଲେ ସେ ସଙ୍ଗେ ସଙ୍ଗେ ପ୍ରତିବାଦ କରୁଥିଲେ ।

ହରିହର ଉତ୍କଳ ପ୍ରାଦେଶିକ କଂଗ୍ରେସର ଦୁଇଥର ସଭାପତି ହୋଇଥିଲେ ।

ସେ ଶିକ୍ଷକ ଭାବରେ ଜୀବନ ଆରମ୍ଭ କରିଥିଲେ । ପଣ୍ଡିତ ଗୋପବନ୍ଧୁଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ହେଲେ ମଧ ଶିକ୍ଷକତା ତାଙ୍କୁ ଛାଡ଼ି ନ ଥିଲା । ସାରା ଓଡ଼ିଶା ତାଙ୍କୁ ଶିକ୍ଷକ ଭାବରେ ମାନିଥିଲା । ସେ ସାରା ଜୀବନ ଶିକ୍ଷକ ଥିଲେ ।

ଜୀବନର ଶେଷବେଳକୁ ହରିହର ଦୀନ ଜନତାର ସେବାରେ ନିଜକୁ ବୁଡ଼ାଇ ରଖିଥିଲେ ।

ହରିହରଙ୍କ ଭଳି ମଣିଷ କୋଟିକରେ ଗୋଟିଏ ମିଳିବା କଷ୍ଟ । ଉତ୍କଳ ଜନନୀ ହରିହରଙ୍କ ପରି ସୁପୁତ୍ର ଲାଭ କରି ଧନ୍ୟା ହୋଇଛି ।

ହରିହର ଜୀବନ ସାରା ଦେଶ ଓ ଦଶର ସେବା କରି ବୟାନବେ ବର୍ଷ ବୟସରେ ୧୯୭୫ ମସିହାରେ ପରଲୋକ ଗମନ କଲେ । ତାଙ୍କର ତ୍ୟାଗ ଓ ଦେଶସେବା ଯୋଗୁଁ ମରି ସୁଦ୍ଧା ସେ ଅମର ହୋଇ ରହିଛନ୍ତି ।

●

Digitized by srujanika@gmail.com

Digitized by srujanika@gmail.com

ଉତ୍କଳ କେଶରୀ ମହତାବ

ଅଗରପଡ଼ା ଜମିଦାର ଘରର ପୁଅ । ନାଁ ହରେକୃଷ୍ଣ । ସେତେବେଳେ କଟକର ବଡ଼ କଲେଜରେ ଆସି ପାଠ ପଢୁଥିଲେ । ତାଙ୍କର ବା ଅଭାବ କ'ଣ ? ଭାରି ଖୁସିବାସିରେ ପାଠ ପଢୁଥାଆନ୍ତି । ମନଇଚ୍ଛା ପଇସା ଖର୍ଚ୍ଚ କରନ୍ତି । କାହା କଥା ସହିବା ତ ଦୂରର କଥା, କେହି 'ତୁ' ବୋଲି କହିଦେଲେ ସେ ଅଭିମାନରେ ଭାଙ୍ଗି ପଡ଼ନ୍ତି । ହେଲେ ହଠାତ୍ ଏ କ'ଣ ହେଲା ? କାହା ଡାକରାରେ ସେ ପାଠପଢ଼ା ଛାଡ଼ିଲେ ?

୧୮୯୯ ମସିହା । ସେତେବେଳକୁ ଚ୍ଵଲିଥାଏ ସ୍ୱାଧୀନତା ଆନ୍ଦୋଳନ । ଆମ ଦେଶ ଭାରତରୁ ଗୋରା ସରକାରଙ୍କୁ ତଡ଼ିବା ପାଇଁ ସଭିଏଁ ଲାଗି ପଡ଼ିଥାଆନ୍ତି । ଗାନ୍ଧୀ ମହାତ୍ମାଙ୍କ ଡାକରାରେ ଚ୍ଵଷୀ ମୂଲିଆ, ସ୍କୁଲ କଲେଜର ପାଠପଢୁଆ ପିଲା, ଚ୍ଵକିରିଆ ସମସ୍ତେ

Digitized by srujanika@gmail.com

ଆଗେଇ ଆସିଲେ । ଏଇ ଜମିଦାର ଘର ପୁଅ କାନରେ ବି ସେ ଡାକ ପଡ଼ିଲା । ସେ କଲେଜ ପଢ଼ାରେ ଡୋର ବାନ୍ଧି ଆନ୍ଦୋଳନରେ ମିଶିଗଲା । ସେଇ ପିଲାଟି ଆଜି 'ଉତ୍କଳ କେଶରୀ' ନାମରେ ଓଡ଼ିଶାର ଘରେ ଘରେ ପରିଚିତ । ତାଙ୍କର ପୂରା ନାମ ହରେକୃଷ୍ଣ ମହତାବ । ବାପାଙ୍କ ନାଁ କୃଷ୍ଣଚନ୍ଦ୍ର ଦାସ । ପିଲାଦିନୁ ଅଜା ଜଗନ୍ନାଥ ମହତାବ ତାଙ୍କୁ ପୁଅ କରି ନେଇଥିଲେ । ତେଣୁ ସେ ମହତାବ ନାଁରେ ହିଁ ପରିଚିତ ହୋଇଥିଲେ । ଅଜା ଭାବିଥିଲେ, ନାତିକୁ ବାହା କରିଦେଲେ ତା'ର ଜମିଦାରି କାମରେ ମନ ଲାଗିଯିବ । ତେଣୁ ସେ ମ୍ୟାଟ୍ରିକ୍ ପଢୁଥିବା ବେଳେ ୧୯୧୭ ମସିହାରେ ସୁଭଦ୍ରା ଦେବୀଙ୍କୁ ବିବାହ କରିଥିଲେ ।

୧୯୨୦ରେ ଗାନ୍ଧିଜୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ । ଘର ସଂସାରର ମାୟା ଛାଡ଼ି ଯୁବକ ହରେକୃଷ୍ଣ ଆନ୍ଦୋଳନରେ ଝାସ ଦେଲେ । କଟକରେ ପାଠ ପଢୁଥିବା ବେଳେ 'ଭାରତୀ ମନ୍ଦିର' ନାମକ ଅନୁଷ୍ଠାନ ଗଢ଼ିଥିଲେ । କଂଗ୍ରେସ କହିଲେ ସେତେବେଳେ ଲୋକମାନେ ବୁଝୁଥିଲେ, ଦେଶକୁ ଗୋରା ସରକାର ହାତରୁ ମୁକୁଳାଇବାର ଏକ ବଳିଷ୍ଠ ଅନୁଷ୍ଠାନ । ଏହି କଂଗ୍ରେସରେ ମିଶି ମହତାବ ଦେଶପାଇଁ ବହୁତ କାମ କରିଥିଲେ । କଲିକତା ଓ ନାଗପୁରରେ ହୋଇଥିବା କଂଗ୍ରେସ ସଭାରେ ଯୋଗଦେଇ ସେ ଦେଶ ପାଇଁ କାମ କରିବାକୁ ଜୀବନ ପଣ କରିଥିଲେ ।

Digitized by srujanika@gmail.com

ବିଦେଶୀ ସରକାରଙ୍କୁ ଦେଶରୁ ହଟାଇବାର ପ୍ରଥମ ପାହାଚ ଥିଲା ନିଶାନିବାରଣ ଓ ବିଦେଶୀ ଜିନିଷ ବର୍ଜନ । ବେପାରୀ ଭାବରେ ଭାରତକୁ ଆସି ରଜା ହୋଇ ବସିଥିବା ଇଂରେଜମାନଙ୍କ ଜିନିଷ ନ କିଣିଲେ ସେମାନେ ବହୁତ କ୍ଷତି ସହିବେ ଓ ବାଧ୍ୟ ହୋଇ ନିଜ ଦେଶକୁ ବାହୁଡ଼ିଯିବେ ବୋଲି ଚିନ୍ତା କରାଯାଉଥିଲା । ସେତେବେଳେ ନେତାମାନେ ଡାକରା ଦେଉଥିଲେ "କୁଟି ଖାଅ, କାଟି ପିନ୍ଧ । ତା'ହେଲେ ବିଦେଶୀମାନଙ୍କୁ ତଡ଼ିବା ସହଜ ହେବ ।"

୧୯୩୪ରେ ଗାନ୍ଧିଜୀ ଓଡ଼ିଶାରେ ପଦଯାତ୍ରା କଲାବେଳେ ମହତାବ ତାଙ୍କ ସାଙ୍ଗରେ ଥିଲେ । କଂଗ୍ରେସ ଡାକରାରେ ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ମଧ୍ୟ ସେ ଲୋକମାନଙ୍କୁ ବୁଝାଉ ଥିଲେ । ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ନେତାଜୀ ସୁଭାଷ ବୋଷ ପ୍ରଭୃତି ଅନେକ ବଡ଼ ବଡ଼ ନେତାଙ୍କ ସାଙ୍ଗରେ ମିଶି ସେ ଦେଶ ପାଇଁ କାମ କରିଥିଲେ । ୧୯୨୦ ମସିହାରେ କଲିକତାରେ କଂଗ୍ରେସ ଅଧିବେଶନ ହୋଇଥିଲା । ସେହି ଅଧିବେଶନ ହିଁ ମହତାବଙ୍କ ଜୀବନର ମୋଡ଼ ବଦଳାଇ ଦେଲା । ୧୯୨୨ ମସିହାର ଅସହଯୋଗ ଆନ୍ଦୋଳନ, ୧୯୩୦ର ଲବଣ ସତ୍ୟାଗ୍ରହ ଓ ୧୯୩୨ର ଆଇନ ଅମାନ୍ୟ ଆନ୍ଦୋଳନରେ ସେ ଭାଗ ନେଇଥିଲେ । ସେଥିପାଇଁ ସେ ବହୁତ ଥର ଜେଲ ଯାଇଥିଲେ ।

Digitized by srujanika@gmail.com

ଜରୁରୀକାଳୀନ ପରିସ୍ଥିତିରେ ପୁଣିଥରେ ସେ ଜେଲ୍ ଯାଇଥିଲେ । ତାଙ୍କୁ ଭଲ ବା ମନ୍ଦ ଯିଏ ଯାହା କହିଲେ ମଧ୍ୟ ସେଥିରେ ତାଙ୍କର କିଛି ଯାଏ ଆସେ ନଥିଲା । ସେ ଯାହା ଭଲ ଭାବୁଥିଲେ ତାହାହିଁ କରୁଥିଲେ । ସେଥିପାଇଁ ବହୁତ ଲୋକଙ୍କ ସହିତ ତାଙ୍କର ମତ ଅମେଳ ହେଉଥିଲା । କିନ୍ତୁ ସମସ୍ତେ ନିଜ ନିଜ ଅସୁବିଧା ସମୟରେ ମହତାବଙ୍କ ମତ ଲୋଡୁଥିଲେ । ବିପଦ ବେଳେ ତାଙ୍କର ସାହାଯ୍ୟ ଦରକାର କରୁଥିଲେ ।

୧୯୩୩ରେ ସେ ନିଜ ଗାଁରେ ବାପାଙ୍କ ଅମଳରୁ ଚାଲିଥିବା ସ୍କୁଲକୁ ବଦଳାଇ 'କର୍ମ ମନ୍ଦିର'ରେ ପରିଣତ କରିଥିଲେ । ଚରଖାରେ ସୂତା କଟା, ଲୁଗା ବୁଣା ପ୍ରଭୃତି କଂଗ୍ରେସର ସବୁ ଗଠନମୂଳକ କାର୍ଯ୍ୟ ସେଠାରେ ଚାଲୁଥିଲା । ଜମିଦାର ଘର ପିଲା ହୋଇ ମଧ୍ୟ ମହତାବବାବୁ ଏସବୁ କାମରେ ଆଗୁଆ ଥିଲେ । ତାଙ୍କ ସ୍ତ୍ରୀ ସୁଭଦ୍ରା ଦେବୀଙ୍କୁ ଲୋକେ ରାଣୀମା କହି ଭାରି ଆଦର କରୁଥିଲେ । ସେ ମଧ୍ୟ ଘରକୁ ଘର ବୁଲି ଲୋକମାନଙ୍କୁ ଭଲ ଉପଦେଶ ଦେଉଥିଲେ । ଦେଶ ପାଇଁ କାମ କରିବାକୁ ବୁଝାଉଥିଲେ ।

ସ୍ୱାଧୀନତା ପୂର୍ବରୁ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା । ମହତାବଜୀ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୪୬ ମସିହାରେ ଓଡ଼ିଶାର ଗଡ଼ଜାତମାନଙ୍କୁ ଏକାଠି କରିବାକୁ

Digitized by srujanika@gmail.com

ବହୁତ ଉଦ୍ୟମ କରିଥିଲେ । ଗଡ଼ଜାତର ପ୍ରଜାମାନେ କେତେ ଅସୁବିଧାରେ ଥିଲେ, ସେ ବିଷୟରେ ସେ ଗାନ୍ଧିଜୀଙ୍କୁ ବୁଝାଇ ପାରିଥିଲେ । ତେଣୁ ମହତାବଙ୍କୁ ଗାନ୍ଧିଜୀ ଭାରି ଭଲ ପାଉଥିଲେ ଓ ତାଙ୍କ କଥା ଶୁଣୁଥିଲେ । ତାଙ୍କ ସମୟରେ ହିଁ ୨୪ଟି ଗଡ଼ଜାତ ଓଡ଼ିଶା ସହିତ ମିଶି ପାରିଥିଲା ।

ଭାରତରୁ ବିଦେଶୀ ସରକାର ବିଦାୟ ନେଲେ । ଭାରତ ସ୍ୱାଧୀନ ହେଲା । ସ୍ୱାଧୀନ ଓଡ଼ିଶା ରାଇଜର ପହିଲି ମୁଖ୍ୟମନ୍ତ୍ରୀ ଭାବରେ ହରେକୃଷ୍ଣ ମହତାବ ଶପଥ ନେଲେ । ଓଡ଼ିଶାରୁ ଭୋକ ଉପାସ ହଟାଇବାକୁ ସେ ଗରିବ ଲୋକଙ୍କୁ କାମ ଦେଇଥିଲେ। ହୀରାକୁଦ ବନ୍ଧ, ରାଉରକେଲା ଇସ୍ପାତ କାରଖାନା, ଡୁଡୁମା ଜଳ ବିଦ୍ୟୁତ୍ ଯୋଜନା, ନୂତନ ରାଜଧାନୀ ଭାବରେ ଭୁବନେଶ୍ୱରର ବିକାଶ ସାଧନ ପ୍ରଭୃତି ବହୁ ବଡ଼ ବଡ଼ କାମ ସେ ହାତକୁ ନେଇଥିଲେ । ଦିଲ୍ଲୀରେ ଶିଳ୍ପମନ୍ତ୍ରୀ ଥିଲାବେଳେ ସେ ଓଡ଼ିଶାର ଉନ୍ନତି ବିଷୟରେ ଭାବୁଥିଲେ ଓ ସେହି ଅନୁସାରେ କାମ କରୁଥିଲେ ।

ପିଲାମାନଙ୍କୁ ସେ ଭାରି ଆଦର କରୁଥିଲେ । ମଫସଲର ପିଲାମାନଙ୍କ କାନରେ ସେ ଦେଶକୁ ବିଦେଶୀ ହାତରୁ ମୁକ୍ତ କରିବାର ମନ୍ତ୍ର ଫୁଙ୍କିଥିଲେ । ତାଙ୍କ ଡାକରାରେ ଲବଣ ସତ୍ୟାଗ୍ରହ ବେଳେ

Digitized by srujanika@gmail.com

ପିଲାମାନେ ପାଠ ଛାଡ଼ି ସତ୍ୟାଗ୍ରହରେ ମିଶିବାକୁ ଜିଦ୍ କରୁଥିଲେ । ଗୋରା ସାହେବଙ୍କ ଲାଠିପାହାର ଖାଇ ମଧ୍ୟ ସେମାନେ ଗୀତ ଗାଉଥିଲେ--

"ତୁମେ ମାର କେତେ ବେତ ମାରିବ
ଜୀବନକୁ ଆମେ ପାଣି ଛଡ଼ାଇଛୁ
ତୁମେ କି ଆମକୁ ପାରିବ ?"

ଏହି ପିଲାମାନଙ୍କୁ ନେତାମାନେ 'ବାନର ସେନା' ନାମ ଦେଇ ଆଦର କରୁଥିଲେ । ମଦ ଦୋକାନ ଆଗରେ ଧାରଣା ଦେଇ ବି ସେମାନେ ବହୁତ ମାଡ଼ ଖାଉଥିଲେ । ତଥାପି ସେମାନେ ହସି ହସି ସବୁ ସହିଯାଉଥିଲେ । ନିଜ ଘର କଥା ବାପା ମାଆଙ୍କ କଥାକୁ ନ ଶୁଣି ସେହି ପିଲାମାନେ ମହତାବଙ୍କ କଥା ହିଁ ମାନୁଥିଲେ । ତେଣୁ ସେ ଥିଲେ ପିଲାମାନଙ୍କର 'କକା ମହତାବ' । ଅସୁବିଧା ସମୟରେ ଗାଁରେ କାହାଘରେ ବୁଢ଼ା ଚକଟା, କାହାଘରେ ପଖାଳ ଖାଇ ମହତାବବାବୁ ମେଲା ପିଣ୍ଡାରେ ଶୋଇପଡୁଥିଲେ । ତଥାପି ବିଦେଶୀମାନଙ୍କୁ ତଡ଼ିବା ପାଇଁ ତାଙ୍କ ମନର ବଳ ଥିଲା ଅସୀମ । ତାଙ୍କ ଡାକରାରେ ଗୃହୀମୂଲିଆଠାରୁ ପିଲା ବୁଢ଼ା ସମସ୍ତେ ଦେଶପାଇଁ ଏକମନ ହୋଇ ବାହାରି ଆସୁଥିଲେ ।

Digitized by srujanika@gmail.com

୧୯୨୩ରେ ସେ କଟକରୁ 'ପ୍ରଜାତନ୍ତ୍ର' ନାମକ ଏକ ଖବରକାଗଜ ବାହାର କରିବା ଆରମ୍ଭ କରିଥିଲେ । ଆଜିଯାଏ ସେହି ଖବରକାଗଜ ବାହାରୁଛି ଓ ବହୁତ ସୁନାମ ଅରଜିଛି । 'ପ୍ରଜାତନ୍ତ୍ର ପ୍ରଚାର ସମିତି' ନାମକ ଏକ ସାହିତ୍ୟ ଅନୁଷ୍ଠାନ ତରଫରୁ ପିଲାଙ୍କ ପତ୍ରିକା 'ମୀନାବଜାର', ଭଲ ସାହିତ୍ୟ ପତ୍ରିକା 'ଝଂକାର' ଓ 'ପ୍ରତିଭା' ଆଦି ପ୍ରକାଶିତ ହୋଇ ଓଡ଼ିଶାର ସବୁ ଅଞ୍ଚଳର ଲୋକଙ୍କ ପାଖରେ ପହଞ୍ଚି ପାରୁଛି । ପ୍ରତିବର୍ଷ ବିଷୁବ ସଂକ୍ରାନ୍ତିଠାରୁ ଦୁଇଦିନ ଧରି ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ବହୁତ କବି ଲେଖକମାନଙ୍କୁ ନିମନ୍ତ୍ରଣ କରାଯାଏ । ଏ କାମଟି ହରେକୃଷ୍ଣ ମହତାବ ଆରମ୍ଭ କରିଥିଲେ । ସେ କବି ଲେଖକମାନଙ୍କୁ ଆଦର କରୁଥିଲେ । ନିଜେ ମଧ୍ୟ ସେ ବହୁତ ଗଳ୍ପ, ଉପନ୍ୟାସ, ନାଟକ-ଏକାଙ୍କିକା, କାବ୍ୟ-କବିତା ଆଦି ଲେଖିଛନ୍ତି । ସେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ମଧ୍ୟ ଲେଖିଛନ୍ତି ।

ଭାରତ ସ୍ୱାଧୀନତା ପାଇବା ଆଗରୁ ତାଙ୍କର ଲେଖାଗୁଡ଼ିକ ଲୋକମାନଙ୍କ ପ୍ରାଣରେ ଦେଶପ୍ରେମ ଭରି ଦେଇଥିଲା । ତାଙ୍କର 'ଗାଁ ମଜଲିସ୍' ନାମରେ ଲେଖାମାନ ପ୍ରଜାତନ୍ତ୍ରରେ ବରାବର ବାହାରୁଥିଲା । ପିଲାଠାରୁ ବୁଢ଼ାଯାଏ ସମସ୍ତେ ସେଗୁଡ଼ିକୁ ପଢ଼ିବାକୁ ଭଲ ପାଉଥିଲେ । ସେଇ ଲେଖାଗୁଡ଼ିକ 'ଗାଁ ମଜଲିସ୍' ନାମରେ ବହି ଆକାରରେ ପ୍ରକାଶ ପାଇଛି । ସେଥିପାଇଁ ମହତାବଙ୍କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ

Digitized by srujanika@gmail.com

ପୁରସ୍କାର ମିଳିଥିଲା । ତାଙ୍କର ଆତ୍ମ ଜୀବନୀ ବହିର ନାଁ ହେଉଛି 'ସାଧନାର ପଥେ ।' ଏଥିରେ ସେ ଲେଖିଛନ୍ତି ଯେ ପିଲାଦିନୁ ଗୀତ ବୋଲିବା, କୁସ୍ତି କରିବା ଓ ନାଟକ କରିବାକୁ ସେ ଭାରି ଭଲ ପାଉଥିଲେ । କିନ୍ତୁ ପିଲାଦିନୁ ବାପାଙ୍କର କଡ଼ା ଶାସନ ଭିତରେ ରହି ସେ ସାହସ କରିପାରୁ ନଥିଲେ । ଏହି ଲାଜକୁଳା ପିଲାଟି ବଡ଼ ହୋଇ ସାରା ଓଡ଼ିଶାର କଥା ଓଡ଼ିଶା ବାହାରେ କହିବାକୁ ସାହସ କରିଥିଲା !

ବଡ଼ ଜମିଦାର ଘର ପୁଅ ହୋଇଥିଲେ ବି ତାଙ୍କ ମନରେ ଗର୍ବ ନଥିଲା । ସେ ସବୁଦିନେ ଭଦ୍ରଖରୁ ସାଇକେଲରେ ଅଗରପଡ଼ା ଆସୁଥିଲେ ଓ ସେଠା ଖବର ବୁଝୁଥିଲେ । ଶେଷଯାଏଁ ତାଙ୍କର ଏହି ମନୋଭାବ ରହିଥିଲା । ଅଳସ ପଣ ତାଙ୍କ ଜାତକରେ ନଥିଲା । ବୁଢ଼ା ବୟସରେ ବି ସେ ସବୁଦିନେ ଭୁବନେଶ୍ୱର ଘରୁ କଟକ ''ପ୍ରଜାତନ୍ତ୍ର'' ଅଫିସକୁ ଯାଇ ଖବର କାଗଜ ଓ ପତ୍ରିକା ବିଷୟରେ ନିଜେ ଦେଖାଶୁଣା କରୁଥିଲେ ।

୧୯୮୭ ଜାନୁୟାରୀ ମାସ ୨ ତାରିଖରେ ଏହି ମହତାବଜୀ ଆରପାରିକୁ ଚାଲିଗଲେ । ତାଙ୍କ ଗଢ଼ା 'ମୀନାବଜାର'ର ଲେଖକ ଲେଖିକାମାନେ ଆଜି ଓଡ଼ିଆ ଭାଷାରେ ବହୁତ ଲେଖି ନାଁ କରିଛନ୍ତି । ତାଙ୍କଠାରୁ ରାଜନୀତି ଶିଖିଥିବା ମଣିଷମାନେ ଆଜି ଦେଶ ଚଳାଉଛନ୍ତି । ତାଙ୍କଠାରୁ ଖେଳିବାକୁ ସାବାସ୍ ପାଇଥିବା ଖେଳାଳିମାନେ ଏବେ ବହୁତ ସୁନାମ ଅର୍ଜିଛନ୍ତି । ସେ ଥିଲେ ଓଡ଼ିଶାର କାରିଗର ।

●

Digitized by srujanika@gmail.com

Digitized by srujanika@gmail.com

ସର୍ବୋଦୟ ନେତା ଗୋପବନ୍ଧୁ ଚୌଧୁରୀ

ବର୍ତ୍ତମାନର ଯାଜପୁର ଜିଲ୍ଲାର ବରୀ ଓ ବରୁଆଁ ଆଦି ଗାଁକୁ ବର୍ଷାଦିନେ ବଡ଼ ବଢ଼ି ମାଡ଼ିଆସେ । ଲୋକଙ୍କ ଘର ଭିତରେ ପାଣି ପଶିଯାଏ । କେତେକ ଗରିବଙ୍କ ଘରଦ୍ୱାର ଭାଙ୍ଗିଯାଏ । ବଢ଼ିରେ ଧାନ ଫସଲ ଉଜୁଡ଼ି ଯାଏ । ଗରିବ ଲୋକେ ଖାଇବାକୁ ନ ପାଇ ଉପାସ ରହନ୍ତି, କେତେ ଲୋକ ଉପାସ ରହି ରହି ମରିଯାଆନ୍ତି ।

ସରକାର ବଢ଼ିବେଳେ ଚୁଡ଼ା ଗୁଡ଼ ଚାଉଳ ନେଇ ବାଣ୍ଟନ୍ତି । ଲୋକଙ୍କ ପାଖରେ ଅନ୍ୟ ସାହାଯ୍ୟ ପହଞ୍ଚାନ୍ତି । ଏହାକୁ କୁହାଯାଏ ରିଲିଫ୍ ।

ଥରେ ବଢ଼ିବେଳେ ଏହି ଗାଁ ମାନଙ୍କୁ ରିଲିଫ୍ ଜିନିଷ ନେଇ ଜଣେ ସରକାରୀ ହାକିମ ଯାଇଥିଲେ । ଲୋକଙ୍କ ବିକଳ ଅବସ୍ଥା ତାଙ୍କୁ ଭାରି ବାଧିଲା । ଏସବୁ ଗାଁର ଅବସ୍ଥା ସେ ତାଙ୍କ ଉପର ହାକିମଙ୍କୁ ଲେଖି ଜଣାଇଦେଲେ । "ଲୋକେ ବର୍ଷ ବର୍ଷ ଧରି ଖାଇବାକୁ

Digitized by srujanika@gmail.com

ପାଉନାହାନ୍ତି । ଉପାସ ରହି ରହି ମରିଯାଉଛନ୍ତି । ସରକାର ଏଠାରେ ଦୁର୍ଭିକ୍ଷ ପଡ଼ିଛି ବୋଲି ମାନିଯାଆନ୍ତୁ । ସେହି ଅନୁସାରେ ଲୋକଙ୍କୁ ସାହାଯ୍ୟ କରନ୍ତୁ ।''

ତାଙ୍କ ଉପର ହାକିମ ଏ ଚିଠି ପାଇ ବିଗିଡ଼ିଗଲେ । ତାଙ୍କୁ କହିଲେ - ''ଆପଣ ଦୁର୍ଭିକ୍ଷ ପଡ଼ିଛି ବୋଲି ଲେଖନ୍ତୁ ନାହିଁ । ଏ ଚିଠିକି ବଦଳାଇ ଦେଇ ଆଉ ଗୋଟିଏ ଚିଠି ଲେଖନ୍ତୁ ।'' ସେ ତାଙ୍କ ଚିଠି ବଦଳେଇବେ ନାହିଁ ବୋଲି ହାକିମଙ୍କୁ ଜଣାଇଦେଲେ । ଏହାପରେ ତାଙ୍କ ଚାକିରିକି ଛି' କରି ଛାଡ଼ିଦେଲେ । ମାଗିଯାଚି ଆଣି ଲୋକଙ୍କୁ ସାହାଯ୍ୟ କଲେ ।

ସେଇ ହାକିମ ହେଲେ ସର୍ବୋଦୟ ନେତା ଗୋପବନ୍ଧୁ ଚୌଧୁରୀ । ସେତେବେଳର ଓଡ଼ିଶାର ଜଣେ ବଡ଼ ଜମିଦାର ଓ ନାମଜାଦା ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କର ସେ ବଡ଼ପୁଅ । ତାଙ୍କ ଘର ଜଗତ୍‌ସିଂହପୁର ଜିଲ୍ଲାର ଖେରସ ଗାଁରେ ।

ତାଙ୍କ ବାପା କଟକରେ ରହୁଥିଲା ବେଳେ ସେଇଠି ଗୋପବନ୍ଧୁ ୧୮୯୫ ମସିହାରେ ଜନ୍ମ ନେଇଥିଲେ । ଯେଉଁ ଘରେ ସେ ଜନ୍ମ ନେଇଥିଲେ ସେହି ଘରଟି ପରେ ହେଲା କଟକ ''ସ୍ୱରାଜ୍ୟ ଆଶ୍ରମ ।'' ଓଡ଼ିଶାରେ ଏହି ଘରଟି ସ୍ୱାଧୀନତା ଆନ୍ଦୋଳନର ପୀଠ ।

Digitized by srujanika@gmail.com

ଗୋପବନ୍ଧୁ ପିଲାଦିନୁ ଅଯ୍ୟସରେ ବଢ଼ିଥିଲେ । ତାଙ୍କର ଭଲ ଖାଇବା ଜିନିଷ ଓ ଭଲ ବେଶ ପୋଷାକର ଅଭାବ ନଥିଲା । ପିଲାଦିନୁ ସେ ଖୁବ୍ ଭଲ ପଢୁଥିଲେ ଓ ବୃତ୍ତି ପାଉଥିଲେ । ସେ କଟକରୁ ପଢ଼ାସାରି ବୃତ୍ତି ପାଇ କଲିକତାରେ ଯାଇ ପଢ଼ିଲେ । ସେଠାରେ ଏମ.ଏ. ପରୀକ୍ଷାରେ ପ୍ରଥମ ହୋଇ ପାଶ୍ କଲେ । ତାଙ୍କୁ ସରକାର ସାଙ୍ଗେ ସାଙ୍ଗେ ଡେପୁଟି ଗ୍ଚାକିରି ଦେଲେ । ଆଗ କଟକରେ ଥିଲେ, ତା'ପରେ ଯାଜପୁରକୁ ବଦଳି ହୋଇଗଲେ ।

କଟକ ସହରର କାଠଯୋଡ଼ି ନଈକୂଳରେ ଗୋପବନ୍ଧୁ ତାଙ୍କ ଘରେ ରହୁଥିବା ବେଳେ ଗୋଟିଏ ପାଠାଗାର କରାଇଥିଲେ । ତାର ନାମ ଦେଇଥିଲେ 'ଭାରତୀ ମନ୍ଦିର' । କଲେଜ ଛାତ୍ରମାନେ ଏଠାରେ ଆସି ଖବର କାଗଜ ଓ ବହି ପଢୁଥିଲେ । ଦେଶର ପରିସ୍ଥିତି ବିଷୟରେ ନିଜ ନିଜ ଭିତରେ ଆଲୋଚନା କରୁଥିଲେ । 'ଭାରତୀ ମନ୍ଦିର'ର ପାଠକମାନଙ୍କ ଭିତରେ ଥିଲେ- ନବକୃଷ୍ଣ ଚୌଧୁରୀ, ରାଜକୃଷ୍ଣ ବୋଷ, ଯଦୁମଣି ମଙ୍ଗରାଜ ଓ ନିତ୍ୟାନନ୍ଦ କାନୁନ୍‌ଗୋ ଆଦି । ଏମାନେ ପରେ ସ୍ୱାଧୀନତା ଆନ୍ଦୋଳନରେ ଆଗୁଆ ହୋଇ ବାହାରିଲେ ।

ଗୋପବନ୍ଧୁ ଚୌଧୁରୀ ଯାଜପୁରରେ ଡେପୁଟି ଗ୍ଚାକିରି କରି ସବୁବେଳେ ବରୀ ଅଞ୍ଚଳରେ ବନ୍ୟାବେଳେ ଚୁଡ଼ା ଗ୍ଚାଉଳ ବାଣ୍ଟିବାକୁ

Digitized by srujanika@gmail.com

ଯାଇଥିଲେ । ସେଠାରେ ଲୋକଙ୍କ ବିକଳ ଅବସ୍ଥା ଦେଖି ସେ ସରକାରଙ୍କୁ ସତକଥା ଜଣାଇଲେ । ସରକାର ସେଥିରେ ରାଜି ନ ହେବାରୁ ୧୯୨୧ରେ ସେ ଚାକିରି ଛାଡ଼ି ଦେଇଥିଲେ ।

ଏତିକିବେଳେ ଦେଶରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇଥାଏ । ମହାତ୍ମା ଗାନ୍ଧି ଥାଆନ୍ତି ଏହି ଆନ୍ଦୋଳନର ନେତା । ମହାତ୍ମା ଗାନ୍ଧିଙ୍କଠାରେ ଗୋପବନ୍ଧୁଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ଆନ୍ଦୋଳନରେ ଯୋଗଦେଇ ସେ ଗାନ୍ଧିଜୀଙ୍କ ନୀତି ଓ ଉପଦେଶ ଅନୁସାରେ କାର୍ଯ୍ୟ କଲେ ।

ହାକିମଙ୍କ ପୋଷାକ ଛାଡ଼ି ସେ ଖଦି ପିନ୍ଧିଲେ । ଗାନ୍ଧିଜୀଙ୍କ ପରି ଖଣ୍ଡିଏ ଅଣଓସାରିଆ ଧୋତି ଓ ଖଣ୍ଡିଏ ଚାଦର । ଆମିଷ ଖାଇବା ଛାଡ଼ିଲେ । ବଗଡ଼ା ଚାଉଳ ଭାତ, ଡାଲି ଓ ପରିବା ସିଝା ତାଙ୍କର ଥିଲା ଖାଦ୍ୟ । ତାଙ୍କ ସ୍ତ୍ରୀ ଶ୍ରୀମତୀ ରମାଦେବୀ, ପୁଅ ମନମୋହନ ଓ ଝିଅ ଅନ୍ନପୂର୍ଣ୍ଣାଙ୍କର ବେଶ ପୋଷାକ ଓ ଆହାର ହେଲା ତାଙ୍କ ପରି ସାଧାସିଧା । ପୁଅ ଝିଅଙ୍କୁ ସରକାରୀ ସ୍କୁଲରେ ପଢ଼େଇଲେ ନାହିଁ ।

ଗୋପବନ୍ଧୁ ପ୍ରଥମେ ତାଙ୍କ ଗାଁ ପାଖ ଜଗତ୍‌ସିଂହପୁରରେ ରହି କାମ ଆରମ୍ଭ କଲେ । ସେ କହୁଥିଲେ, "ମହତ୍ କାମ ଆଗ ନିଜ ଘରୁ ଆରମ୍ଭ ହେବା ଦରକାର ।" ଗାଁ ଲୋକେ, ଆଖପାଖ ଲୋକେ ତାଙ୍କୁ ଭଲ କରି ଚିହ୍ନିଛନ୍ତି । ଗାଁ ବାଲାଙ୍କୁ ସହଜରେ ସେ ଭୁଲେଇ

Digitized by srujanika@gmail.com

ଦେଇ ପାରିବେ ନାହିଁ । ତାଙ୍କ କଥା ଓ କାମକୁ ଗାଁ ଲୋକେ ଭଲକରି ପରଖି କରିନେଇ ପାରିବେ । କର୍ମୀମାନେ ତାଙ୍କୁ ଗୋପବାବୁ ବୋଲି ଡାକୁଥିଲେ । ସେହି ଡାକ ଶେଷଯାଏ ରହିଲା ।

ଗୋପବାବୁ କଂଗ୍ରେସରେ ଯୋଗଦେବା ପରେ ଲବଣ ସତ୍ୟାଗ୍ରହ ହେଲା । ମହାତ୍ମା ଗାନ୍ଧି ଥିଲେ ଏହାର ନେତା । ଆମ ଦେଶର ସମୁଦ୍ର ପାଣିରୁ ଆମେ ଲୁଣମାରି ପାରିବୁ ନାହିଁ ବୋଲି ଇଂରେଜ ସରକାର ଆଇନ କରିଥିଲେ । ଗାନ୍ଧିଜୀ କହିଲେ ଆମେ ଏହି ଆଇନକୁ ମାନିବୁ ନାହିଁ । ଲୁଣ ମାରିବୁ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସମୁଦ୍ର କୂଳରେ ଇଞ୍ଚୁଡ଼ିଠାରେ ଲୁଣ ମାରିବା ପାଇଁ ଠିକ୍ ହେଲା ।

୧୯୩୦ ମସିହାରେ ଓଡ଼ିଶାର ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ିଠାରେ ଯାଇ ଲୁଣ ମାରିଥିଲେ । ପ୍ରଥମ ସତ୍ୟାଗ୍ରହୀ ଦଳ ଗୋପବନ୍ଧୁଙ୍କ ଘରଠାରୁ ଅନୁକୂଳ କରି ଯାଇଥିଲେ । ଏହି ଦଳର ନେତାଥିଲେ ଆଚାର୍ଯ୍ୟ ହରିହର ଦାସ । ସେ ବାଟରେ ଗିରଫ ହୋଇଯିବାରୁ ଗୋପବନ୍ଧୁ ଚୌଧୁରୀ ଦଳର ନେତା ହୋଇଗଲେ । ସେଠାରେ ଲୁଣମରା ଚାଲିଲା । ସରକାର ଅନ୍ୟକର୍ମୀଙ୍କ ସହ ଗୋପବାବୁଙ୍କୁ ଗିରଫ କରିନେଇ ଜେଲ୍‌ରେ ରଖିଲେ ।

ଗୋପବାବୁ ଜେଲ୍‌ରେ ରହିଥିବା ବେଳେ ତାଙ୍କର କିଛି ଦୁଃଖ ନଥିଲା । ସେ ଆଗରୁ ବାହାରେ ସରଳ ଓ ସାଦାସିଧା ଭାବରେ

Digitized by srujanika@gmail.com

ଚଳିବାକୁ ଅଭ୍ୟାସ କରିଥିଲେ, ସେହିପରି ଚଳିଲେ । ଜେଲ୍ ଭିତରେ ଯେଉଁ ଘରଟିରେ ସେ ରହୁଥିଲେ, ସେହି ଘରଟି ସେ ଓଳାଇ ସଫା କରନ୍ତି, ନିଜ ପାଇଖାନା ସଫା କରନ୍ତି, ନିୟମିତ ଭାବରେ ପ୍ରାର୍ଥନା କରନ୍ତି, ସୂତା କାଟନ୍ତି । ଜେଲ୍ ଭିତରେ ସରକାର ତାଙ୍କୁ ଯେଉଁ କାମ ଦିଅନ୍ତି ତାହା କରନ୍ତି ।

ଜେଲ୍ ଭିତରେ ସେ ଗାନ୍ଧିଜୀଙ୍କ ଲିଖିତ ପୁସ୍ତକ ଓ ମହାପୁରୁଷଙ୍କ ଜୀବନୀ ଆଦି ପଢୁଥିଲେ । ସାମ୍ୟବାଦୀ ଦାର୍ଶନିକ କାର୍ଲ ମାର୍କସଙ୍କ ପୁସ୍ତକ ମଧ୍ୟ ପଢୁଥିଲେ । ମାର୍କସ୍ଙ୍କ ମତ ସହିତ ନିଜର ବିଗ୍ରହକୁ ପରଖି ନେଉଥିଲେ । କେତେକ ବିଷୟରେ ମାର୍କସ୍ଙ୍କ ମତ ସହିତ ତାଙ୍କର ମତ ମିଳୁନଥିଲା । ମାତ୍ର ଗାନ୍ଧିଜୀଙ୍କ ମତ ସହିତ ସେ ପୂରାପୂରି ଏକମତ ଥିଲେ । ଗାନ୍ଧିଜୀଙ୍କ ନୀତିକୁ ମାନି ସେ ସାରା ଜୀବନ କାର୍ଯ୍ୟ କରିଥିଲେ ।

ଜେଲ୍‌ରୁ ଖଲାସ ହୋଇ ଆସିଲା ପରେ ଗାନ୍ଧିଜୀ ହରିଜନମାନଙ୍କ ଉନ୍ନତି ପାଇଁ ଆନ୍ଦୋଳନ ଚଳେଇଲେ । ଏହି ସମୟରେ ଇଂରେଜ ସରକାର ହରିଜନଙ୍କୁ ହିନ୍ଦୁଙ୍କ ଠାରୁ ଅଲଗା କରିଦେବା ପାଇଁ କଉଶଳ କରିଥିଲେ । ଗାନ୍ଧିଜୀ ଏଥିପାଇଁ ଅନଶନ କରି ଏହାକୁ ବଦଳେଇଲେ । ୧୯୩୪ ମସିହାରେ ଗାନ୍ଧିଜୀ ଓଡ଼ିଶାରେ ହରିଜନ ଆନ୍ଦୋଳନ ଚଳେଇଲେ । ସେ ପ୍ରଥମେ ଏଥିପାଇଁ ଓଡ଼ିଶାରେ

Digitized by srujanika@gmail.com

ପଦଯାତ୍ରା କରିଥିଲେ । ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ଏହି ଯାତ୍ରା ଗ୍ଲିଥିଲା ।

ଏହି ପଦଯାତ୍ରାରେ ଗାନ୍ଧିଜୀଙ୍କ ସହିତ ଗୋପବନ୍ଧୁ ଚୌଧୁରୀ, ଶ୍ରୀମତୀ ରମାଦେବୀ, ଶ୍ରୀ ମନମୋହନ ଚୌଧୁରୀ ଓ ଅନ୍ୟ କର୍ମୀମାନେ ଯାଉଥିଲେ । ବାଟରେ ଯେଉଁଠି ହରିଜନଙ୍କ ବସ୍ତି ପଡ଼େ, ସେଇଠି ଗାନ୍ଧିଜୀ ରହି ହରିଜନଙ୍କ ଘର ଭିତରକୁ ଯାଇ ଦେଖନ୍ତି, ତାଙ୍କ ସଙ୍ଗେ କଥାବାର୍ତ୍ତା ହୁଅନ୍ତି । ରହଣି ସ୍ଥାନରେ ପ୍ରତିଦିନ ପ୍ରାର୍ଥନା ସଭା ହୁଏ ।

ଗାନ୍ଧିଜୀ ପରାମର୍ଶ ଦେଲେ ଯେ କର୍ମୀମାନେ ଗାଁରେ ରହି ନିଜେ ଗଠନମୂଳକ କାମ କରନ୍ତୁ ଓ ଲୋକଙ୍କୁ ତାହା ଶିଖାନ୍ତୁ । ଗୋପବନ୍ଧୁ ତାଙ୍କ ପିଲାମାନଙ୍କୁ ନେଇ ବର୍ତ୍ତମାନର ଯାଜପୁର ଜିଲ୍ଲାର ବରୀ ଗାଁରେ ଯାଇ ରହିଲେ । ସେଇ ଅଞ୍ଚଳରେ ଗଠନମୂଳକ କାମ ଚଳେଇଲେ ।

ତାଙ୍କ ରହିବା ପାଇଁ ଓ ଅନ୍ୟ ଗଠନମୂଳକ କାମ ପାଇଁ ଘରଗୁଡ଼ିଏ ତିଆରି ହେଲା । ତା ନାଁ ହେଲା ସେବାଘର । ସେହି ଘରଗୁଡ଼ିକ ସେ ନିଜେ ଓ କର୍ମୀମାନଙ୍କୁ ଲଗାଇ ତିଆରି କଲେ । ଏଠାରେ ସୂତାକଟା, ଲୁଗାବୁଣା, ଗାଁ ସଫେଇ, ପାଇଖାନା ସଫେଇ, ନୂଆ ପ୍ରକାରର ପାଇଖାନା ତିଆରି, ବୃକ୍ଷରୋପଣ, ଅଧିକ ଆମଦାନି

Digitized by srujanika@gmail.com

ହେବା ଭଳି ଧାନଗ୍ରୁଷ ଓ ପନିପରିବା ଗ୍ରୁଷ, ଗୋପାଳନ, ମହୁଗ୍ରୁଷ ଓ ରୋଗୀସେବା ଆଦି ଗଠନମୂଳକ କାମ ଗ୍ରୁଲିଥିଲା ।

ଏହି ସମୟରେ ଗାନ୍ଧିଜୀ ଏକ ନୂତନ ଢଙ୍ଗର ଶିକ୍ଷା ଦେବାପାଇଁ ପରାମର୍ଶ ଦେଲେ । ଏହା ମୌଳିକ ଶିକ୍ଷା ନାମରେ ପରିଚିତ । ଏହି ଶିକ୍ଷାରେ ଗୋଟିଏ ଧନ୍ଦା ବା କୁଟୀର ଶିଳ୍ପକୁ ମୂଳ କରି ତା'ଜରିଆରେ ସବୁ ପାଠ୍ୟ ବିଷୟ ଶିକ୍ଷା ଦିଆଯାଉଥିଲା । ଏଥିରୁ କିଛି ଆୟ ମଧ୍ୟ ହେଉଥିଲା । ଗୋପବାବୁ ରାମଚନ୍ଦ୍ରପୁରଠାରେ ଏହିପରି ଏକ ମୌଳିକ ବିଦ୍ୟାଳୟ ଖୋଲିଥିଲେ ।

ପରେ ଓଡ଼ିଶା ସରକାର କେତେକ ସ୍ଥାନରେ ମୌଳିକ ଶିକ୍ଷା ଆରମ୍ଭ କଲେ । ଏହି ଶିକ୍ଷାର ପରିଗ୍ରୁଳନା ପାଇଁ ସରକାର ଗୋଟିଏ ମୌଳିକ ଶିକ୍ଷା ପରିଷଦ ଗଠନ କରିଥିଲେ । ଏହାର ସଭାପତି ହୋଇଥିଲେ ଗୋପବନ୍ଧୁ ଚୌଧୁରୀ ।

ଗଠନମୂଳକ କାମ ଗ୍ରୁଲିବା ଫଳରେ ବରୀ ଅଞ୍ଚଳରେ ଲୋକଙ୍କ ଭିତରେ ନାହିଁ ନଥିବା ଜାଗରଣ ଦେଖାଦେଇଥିଲା । ୧୯୪୨ ଭାରତ ଛାଡ଼ ଆନ୍ଦୋଳନ ବେଳେ ଏହାର ପ୍ରମାଣ ମିଳିଲା । ଏହି ଆନ୍ଦୋଳନ ବେଳେ ଲୋକେ ଶାସନକୁ ଅଚଳ କରିଦେବା ପାଇଁ ଅନେକ କାମ କରିଥିଲେ । ପୋଲିସ ଗୁଳିରେ ସେହି ଅଞ୍ଚଳର ପାଞ୍ଚଜଣ ଜୀବନ ଦେଇଥିଲେ ।

Digitized by srujanika@gmail.com

ଏହି ଆନ୍ଦୋଳନରେ ଗୋପବନ୍ଧୁ ଚୌଧୁରୀ ଓ ତାଙ୍କ ପରିବାରର ସମସ୍ତେ ଗିରଫ ହୋଇ ଜେଲରେ ରହିଥିଲେ । ଭାରତଛାଡ଼ ଆନ୍ଦୋଳନ ଶେଷରେ ଗୋପବାବୁ ୧୯୪୫ ମସିହାରେ ଜେଲରୁ ଖଲାସ ହେଲେ । ଖଲାସ ହେବାପରେ ପୁଣି ଆସି ବରୀଠାରେ ଗଠନମୂଳକ କାମ ଆରମ୍ଭ କଲେ । ଆନ୍ଦୋଳନ ବେଳେ ପୋଲିସ ବରୀର ସେବାଘର ଭାଙ୍ଗି ଦେଇଥିଲେ । ସେଠାରେ ସେ ମାତୃମଙ୍ଗଳ କେନ୍ଦ୍ର ପାଇଁ ପୁଣି ଘର ତିଆରି କଲେ । ସେ ଆଉ ଗୋଟିଏ ଗାଁ ଔରଙ୍ଗାବାଦଠାରେ ସେବାଘର ତିଆରି କରିଥିଲେ । ପୁଣି କର୍ମୀମାନଙ୍କୁ ଗୋପବାବୁ ରଖାଇ ଗଠନମୂଳକ କାମମାନ ଚଳେଇଲେ ।

ଏହାପରେ ଗୋପବାବୁ ନିଜେ ଚଳିବା ପାଇଁ କାହାରିଠାରୁ ସାହାଯ୍ୟ ନେବେନାହିଁ ବୋଲି ଠିକ୍ କଲେ । ସେ ନିଜେ ଆଠ ଘଣ୍ଟା ଶ୍ରମ କରି ନିଜର ଖର୍ଚ୍ଚ ଉଠାଇଲେ । ସୂତା କାଟିଲେ, ଲୁଗା ବୁଣିଲେ, ବିଲ ହାଣିଲେ ଓ ହଳ କଲେ ।

୧୯୪୭ ମସିହା ବେଳକୁ ଦେଶରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା । ଗୋପବାବୁ ଗାଁ ଭିତରକୁ ଯାଇ ହିନ୍ଦୁ ଓ ମୁସଲମାନମାନଙ୍କୁ ଏକାଠି କରି ବୁଝାଇଲେ । ପଂକ୍ତି ଭୋଜନ ଓ ପ୍ରାର୍ଥନା ସଭା ଆଦି କରାଇଥିଲେ ।

ଏଣେ କର୍ମୀମାନେ ବୁଲି ତାଙ୍କ ପରାମର୍ଶରେ ଗାଁମାନଙ୍କରେ କୂଅ ପୋଖରୀ ଖୋଳାଉଥିଲେ । ଗାଁରେ ଖେଳପଡ଼ିଆ, ତୋଟା ଓ

Digitized by srujanika@gmail.com

ବଗିଚ୍ଚ, ଝାଡ଼ା ଫେରିବା ପାଇଁ ଗାଉଁଲି ପାଇଖାନା ତିଆରି କରାଉଥିଲେ ଓ ପାଇଖାନା ସଫା କରିବା ଲୋକଙ୍କୁ ଶିଖାଉଥିଲେ । ଗୋପାଳନ ଓ ଖତ ତିଆରି କରିବା ସହିତ ମଦ ଖିଆ ଛାଡ଼ିବା ପାଇଁ ସେ ଶିକ୍ଷା ଦେଉଥିଲେ ।

ଗୋପବାବୁ ବରୀ ଅଞ୍ଚଳରେ ରହିଲା ଦିନଠୁ ଏ ଅଞ୍ଚଳରେ ପ୍ରଜାଙ୍କ ଉପରେ ଜମିଦାରଙ୍କ ଜୁଲମ ବନ୍ଦ ହୋଇଯାଇଥିଲା । ଆଗେ ଜମିଦାରମାନେ ଲୋକଙ୍କୁ ବେଠି ଖଟାଉଥିଲେ, ବିନା ପଇସାରେ ଦୁଧ ନେଉଥିଲେ, ବାଡ଼ି ବଗିଚ୍ଚରେ କଦଳୀ କି ଆମ୍ବ ହେଲେ ଆଗ ଜମିଦାର ନେବେ । ଗୋପବାବୁ ରହିବା ପରେ ଏସବୁ ବନ୍ଦ ହୋଇଯାଇଥିଲା ।

ଗୋପବାବୁ ବରୀ ଅଞ୍ଚଳରେ କାମ କରୁଥିବା ବେଳେ ୧୯୪୬ ମସିହାର 'ଉତ୍କଳ ନବ ଜୀବନ ମଣ୍ଡଳ' ଗଢ଼ା ହେଲା । ଗୋପବାବୁ ହେଲେ ଏହାର ସଂପାଦକ । ଅନ୍ୟାନ୍ୟ କାମ ଭିତରେ ସେ ନବଜୀବନ ମଣ୍ଡଳ ମହିଳା କର୍ମୀମାନଙ୍କୁ ତାଲିମ ଦେଇଥିଲେ । ତାଲିମ ପାଇଥିବା ଏହି କର୍ମୀମାନେ କୋରାପୁଟ ଓ ଗଞ୍ଜାମ ଜିଲ୍ଲାର ମାଳ ଅଞ୍ଚଳ ଓ ଅନ୍ୟ ଜାଗାମାନଙ୍କରେ ସେବା କେନ୍ଦ୍ର କରି ରହିଲେ । ଆଦିବାସୀଙ୍କ ସେବା କଲେ ।

Digitized by srujanika@gmail.com

ଅନୁଗୋଳ ବାଜିରାଉତ ଛାତ୍ରାବାସ ଠାରେ ଶ୍ରୀମତୀ ମାଳତୀ ଦେବୀଙ୍କ ପରାମର୍ଶ ଅନୁସାରେ ନବଜୀବନ ମଣ୍ଡଳ କର୍ମୀମାନଙ୍କୁ ତାଲିମ ଦିଆଯାଉଥିଲା । ଏହି କର୍ମୀମାନେ ପାହାଡ଼, ଜଙ୍ଗଲ ଭିତରେ ଥିବା ଗାଁମାନଙ୍କରେ ରହି ଲୋକଙ୍କୁ ହାତଧରି ବାଟ କଢ଼ାଉଥିଲେ । ଆଦିବାସୀମାନେ କେଉଁଠି ପରିସ୍ରା କରିବେ, ଝାଡ଼ା ଫେରିବେ, କେମିତି ଦେହ ସଫା ରଖିବେ ବୁଝାଉଥିଲେ । ସେମାନଙ୍କର ମଦ ଖାଇବା ଛଡ଼େଇଥିଲେ । ଗୋପବାବୁ ବେଳେ ବେଳେ ଯାଇ ଏହି ସେବିକାମାନଙ୍କ କାମ ଦେଖୁଥିଲେ ।

୧୯୫୧ ମସିହା ଶେଷଆଡ଼କୁ ଗୋପବାବୁ କର୍ମୀମାନଙ୍କଠାରୁ ଖବର ପାଇଲେ ଯେ, କୋରାପୁଟ ଜିଲ୍ଲାର ଗୁଣୁପୁର- ରାୟଗଡ଼ା ଠାରେ ମରୁଡ଼ି ହୋଇଛି । ଲୋକେ ଖାଇବାକୁ ନ ପାଇ ମରୁଛନ୍ତି । ଏହି ଖବର ତାଙ୍କୁ ଭାରି ବାଧିଲା । ସେ କହିଲେ, ଭାରତ ପାଞ୍ଚବର୍ଷ ହେଲା ସ୍ୱାଧୀନ ହେଲାଣି । କୋରାପୁଟରେ ଏତେ ଜମି ଅଛି । ଲୋକେ କାହିଁକି ଖାଇବାକୁ ନ ପାଇ ମରୁଛନ୍ତି ?

ଗୋପବାବୁ କୋରାପୁଟ ଜିଲ୍ଲାରୁ ଏହି ଖବର ପାଇ ଆଉ ଗୋଟିଏ ଜାଗାରେ ବସି ରହିବାକୁ ଚାହିଁଲେ ନାହିଁ । ସେ କୋରାପୁଟ ପର୍ଯ୍ୟନ୍ତ ଚାଲି ଚାଲି ଯିବେ ବୋଲି ଠିକ୍ କଲେ । ଗଲାବେଳେ ଲୋକଙ୍କୁ ଭେଟି ତାଙ୍କୁ ଦେଶର ଅବସ୍ଥା ବୁଝାଇବେ । ଲୋକଙ୍କଠାରୁ

Digitized by srujanika@gmail.com

ବୁଝିବେ । ସେମାନେ କି ଉପାୟ ଭାବୁଛନ୍ତି । ପୁରୁଣା ବାଟ ଛାଡ଼ି ନୂଆବାଟ ଧରିବାକୁ ଠିକ୍‌ କଲେ ।

୧୯୫୨ ମସିହା ଜାନୁୟାରୀ ମାସରେ ଗୋପବାବୁ ବରୀଠାରୁ ପଦଯାତ୍ରାରେ ବାହାରିଲେ । ସେଦିନ ଗୋଟିଏ ବଡ଼ ସଭାରେ ସେ ଭାଷଣ ଦେଇଥିଲେ । ସଭାପରେ ଗାଁର ଜଣେ ମହିଳା ଗୋପବାବୁଙ୍କୁ ଆଠଗୁଣ୍ଠ ଜମି ଦେଲେ । ସଭାରେ ସେ ଭୂଦାନ କଥା କିଛି କହିନଥିଲେ । ଏହି ସମୟରେ ବିନୋବାଜୀଙ୍କର ଭୂଦାନ ଆନ୍ଦୋଳନ ଆରମ୍ଭ ହୋଇଥାଏ ।

ଗୋପବାବୁ ବିନୋବାଜୀଙ୍କର ଭୂଦାନ ଯଜ୍ଞ ବିଷୟରେ ଲେଖା ପଢ଼ିଲେ, ଭାଷଣ ଶୁଣିଲେ । ଏହା ତାଙ୍କ ମନକୁ ଖୁବ୍ ପାଇଲା । ସେ ଭୂଦାନ କାମକୁ ଗୋଟିଏ ପ୍ରଧାନ କାମ ବୋଲି ବାଛିଲେ ଓ କର୍ମୀମାନଙ୍କୁ ପରାମର୍ଶ ଦେଲେ । ପଦଯାତ୍ରାର ଯାଉଥିବା ବେଳେ ୪ ମାସରେ ତାଙ୍କୁ ୧୬୬ ଏକର ଜମି ବାଣ୍ଟିବା ପାଇଁ ମିଳିଲା । ଜମି ନଥିବା ଲୋକଙ୍କ ଭିତରେ ସେହି ଜମି ବଣ୍ଟା ହୋଇ ଯାଉଥାଏ ।

ବିନୋବାଜୀ ୧୯୫୫ ମସିହାରେ ଭୂଦାନ ଆନ୍ଦୋଳନ ପାଇଁ ଓଡ଼ିଶାରେ ପଦଯାତ୍ରା ଆରମ୍ଭ କରିଥିଲେ । ସେ ବର୍ଷେ ପର୍ଯ୍ୟନ୍ତ ପଦଯାତ୍ରା କରି କୋରାପୁଟ ପର୍ଯ୍ୟନ୍ତ ଯାଇଥିଲେ । ବାଟରେ ବହୁ ଗାଁରେ ଭୂଦାନ ପାଇଁ ବହୁ ଜମି ମିଳିଲା । ଗ୍ରାମଦାନ ମଧ୍ୟ ମିଳିଥିଲା ।

Digitized by srujanika@gmail.com

ଯେଉଁ ଗାଁରେ ସମସ୍ତ ଜମି ବିନୋବାଜୀଙ୍କ ବାଣ୍ଟିବା ପାଇଁ ଦିଆଗଲା, ସେହି ଗ୍ରାମଗୁଡ଼ିକୁ କୁହାଗଲା ଗ୍ରାମଦାନ ଗାଁ ।

ବିନୋବାଜୀ ତାଙ୍କର ପ୍ରଥମ ଥର ଓଡ଼ିଶାଗସ୍ତ ଶେଷରେ କୋରାପୁଟରେ ବହୁଦିନ ରହିଲେ । ସେ କୋରାପୁଟ ଛାଡ଼ିବା ପୂର୍ବରୁ ୮୦୦ ପର୍ଯ୍ୟନ୍ତ ଗ୍ରାମଦାନ ଗାଁ ମିଳିଥିଲା । ଏହି ସବୁ ଗ୍ରାମଦାନ ଗାଁଗୁଡ଼ିକୁ ଏକ ନୂଆ ଢଙ୍ଗରେ ଗଢ଼ିବା ପାଇଁ ତାଙ୍କ ପରାମର୍ଶରେ ବିଚାର ହେଲା । ଗୋପବାବୁ ଏଥିରେ ଅତ୍ୟନ୍ତ ଆନନ୍ଦିତ ହେଲେ । କୋରାପୁଟ ଜିଲ୍ଲାରେ ଖାଇବାକୁ ନ ପାଇ ଲୋକେ ମରୁଛନ୍ତି ବୋଲି ଶୁଣି ସେ ବରୀଠାରୁ ଚାଲି ଚାଲି କୋରାପୁଟକୁ ଆସିଥିଲେ ।

ଏହି ଗ୍ରାମଦାନ ଗାଁଗୁଡ଼ିକୁ ନୂଆ ଢଙ୍ଗରେ ଗଢ଼ା ହେବାପାଇଁ ଯେଉଁ ବିଚାର ହେଲା ଗୋପବାବୁ ସେଥିରେ ସବୁ ପ୍ରକାର ସହଯୋଗ କଲେ । ଏହି ଗାଁଗୁଡ଼ିକ ଓ ମଣିଷଙ୍କୁ ନୂଆକରି ନିର୍ମାଣ କରିବାର ଦାୟିତ୍ୱ ନେଲା 'ସର୍ବ ସେବା ସଂଘ' । ଏହି ନିର୍ମାଣ କାର୍ଯ୍ୟ ପରିଚାଳନା କଲେ ଆନାସାହେବ ସହସ୍ର ବୁଦ୍ଧେ ।

ସର୍ବୋଦୟ ନେତା ଗୋପବନ୍ଧୁ ଚୌଧୁରୀ ଏହି ଗ୍ରାମଦାନଗୁଡ଼ିକର ନିର୍ମାଣ କାମ ବିଷୟରେ ମତଦେଲେ - ଗ୍ରାମଦାନ ଗାଁଗୁଡ଼ିକ ଲୋକଙ୍କ ଶ୍ରମ ବଳରେ ନିର୍ମାଣ କରାଯିବ । ଅନ୍ୟଠୁ ସାହାଯ୍ୟ ଆଣି ଏହା କରିବେ ବୋଲି ଲୋକେ ଅନେଇ ବସିବେ ନାହିଁ । ଅଧିକ

Digitized by srujanika@gmail.com

ଆମଦାନି ହେବା ଭଳି ଗୃହ ଓ ଛୋଟ କାମ ଧନ୍ଦା ଲୋକଙ୍କୁ ଶିକ୍ଷା ଦେବାକୁ ହେବ । ଲୋକେ ପିଲାଙ୍କୁ ପାଳନ କରିବା ଶିଖିବେ । ମଦ ଖାଇବା ଓ କୁସଂସ୍କାର ଲୋକଙ୍କଠୁ ଛଡ଼େଇବାକୁ ହେବ । ଏଥିପାଇଁ ନୂଆକର୍ମୀ ଗଢ଼ା ହେବା ଦରକାର ।

କୋରାପୁଟ ଜିଲ୍ଲାରେ ଗୋପବନ୍ଧୁ ଅନେକ ଦିନ ରହି ବୁଲିଲେ । ଆଦିବାସୀଙ୍କ ଘରେ ଖାଇଲେ ଓ ବିଶ୍ରାମ ନେଲେ । ମଝିରେ ଆସି କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବୁଲି ଯାଉଥିଲେ ।

ଶେଷ ଜୀବନରେ କଟକ ଓ ଭୁବନେଶ୍ୱରରେ ଆସି ରହିଥିବା ବେଳେ ଏଠାରେ ମଦ ଦୋକାନ ସଂଖ୍ୟା ବଢ଼ି ଚାଲିଥିବା ଦେଖି ଗୋପବନ୍ଧୁଙ୍କୁ ଭାରି ବାଧୁଥିଲା । ସେ କହୁଥିଲେ- "ଏଇଥିପାଇଁ କ'ଣ ଆମେ ସ୍ୱାଧୀନତା ଆଣିଥିଲୁ ?"

ସର୍ବୋଦୟ ନେତା ଗୋପବନ୍ଧୁ ଚୌଧୁରୀ ୧୯୫୮ ମସିହା ଏପ୍ରିଲ ମାସ ୨୯ ତାରିଖରେ ଇହଧାମ ଛାଡ଼ି ଚାଲିଗଲେ । ସେ ୬୩ ବର୍ଷ ଜୀବିତ ଥିଲେ । ମହାତ୍ମା ଗାନ୍ଧିଙ୍କ ମହାନ୍ ଆଦର୍ଶରେ ସେ ନିଜକୁ, ନିଜ ପରିବାରକୁ ଓ ଓଡ଼ିଶାବାସୀଙ୍କୁ ଗଢ଼ିବା ପାଇଁ ଯେଉଁ ସାଧନା କରିଛନ୍ତି, ତାହାର ତୁଳନା ନାହିଁ । ଓଡ଼ିଶା ଇତିହାସରେ ସେ ଅମର ହୋଇ ରହିବେ ।

●

Digitized by srujanika@gmail.com

Digitized by srujanika@gmail.com

ଜନନାୟକ ନବକୃଷ୍ଣ ଚୌଧୁରୀ

ଟିଉସନ୍ ସାର୍ ଆସି ବସିଲେଣି ଅଧଘଣ୍ଟାଏ ହେଲା । ସେ ପୁଣି ତାଙ୍କ ସ୍କୁଲର ପ୍ରଧାନ ଶିକ୍ଷକ । ପିଲାର ଦେଖା ନାହିଁ । ଅଧଘଣ୍ଟାଏ ପରେ ପିଲା ଆସି ପହଞ୍ଚିଲା ଧଇଁସଇଁ ହୋଇ । ଟିଉସନ୍ ସାର୍ ବିରକ୍ତ ହୋଇ ପଚାରିଲେ- ''ଏତେବେଳଯାଏ କୁଆଡ଼େ ବୁଲୁଥିଲୁ ? ମୁଁ ଆସି ଅଧଘଣ୍ଟାଏ ହେଲା ବସିଲିଣି ।''

ଛାତ୍ର ଉତ୍ତର ଦେଲା- ''ଆଜି ଫୁଟ୍‌ବଲ୍ ଖେଳ ଟିକିଏ ଡେରିରେ ଆରମ୍ଭ ହେଲା, ତେଣୁ ଖେଳ ସରୁ ସରୁ ଟିକିଏ ଡେରି ହେଲା ।''

ସାର୍‌ଙ୍କ ତାଗିଦ୍ ହେଲା- ''ଏମିତି ଆଉ କେବେ କରିବୁ ନାହିଁ । ଯେଉଁ କାମ ଯେତେବେଳେ ସରିବା କଥା ସେତିକିବେଳେ ସରିବ । ତା'ପରେ ଅନ୍ୟ କାମ ଆରମ୍ଭ ହେବ । ତା' ନ ହେଲେ ସବୁ କାମ ଅଡୁଆ ହୋଇଯିବ । ଏକଥା ମନେ ରଖିଥା ।'' ସାର୍‌ଙ୍କ କଥା ପିଲାଟିର ଶେଷ ଜୀବନ ଯାଏ ମନେଥିଲା । ସେଇ ପିଲାଟି ହେଲା 'ନବକୃଷ୍ଣ ଚୌଧୁରୀ' । ସେ ଥିଲେ ଓଡ଼ିଶାର ଜନନାୟକ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ।

ନବକୃଷ୍ଣ ଚୌଧୁରୀ ୧୯୦୧ ମସିହା ନଭେମ୍ବର ମାସ ୨୩ ତାରିଖରେ କଟକଠାରେ ଜନ୍ମଗ୍ରହଣ କରିଥିଲେ । ସେ ଯେଉଁ ଘରେ ଜନ୍ମ ହୋଇଥିଲେ, ବର୍ତ୍ତମାନ ସେହି ଘରଟି କଟକ 'ସ୍ୱରାଜ୍ୟ ଆଶ୍ରମ' ।

Digitized by srujanika@gmail.com

ସେତେବେଳେ ତାଙ୍କ ବାପା ଗୋକୁଳାନନ୍ଦ ଚୌଧୁରୀ ଥିଲେ କଟକର ଜଣେ ନାମଜାଦା ଓକିଲ । ଓଡ଼ିଆ ଆନ୍ଦୋଳନର ସେ ନେତା ଥିଲେ ।

ତାଙ୍କ ଘର ବର୍ତ୍ତମାନର ଜଗତ୍‌ସିଂହପୁର ଜିଲ୍ଲାର ଖେରସ ଗାଁରେ । ପିଲାଦିନେ ବାପା ବୋଉ ତାଙ୍କୁ ଟୁଆଁ ବୋଲି ଡାକୁଥିଲେ । ତାଙ୍କ ପିଲାମାନେ ତାଙ୍କୁ ଡାକିଲେ ବାପି । ସେହି ନାମରେ ସେ ବହୁ ଲୋକଙ୍କ ନିକଟରେ ପରିଚିତ । କର୍ମୀମାନଙ୍କ ନିକଟରେ ସେ ନବବାବୁ ନାମରେ ପରିଚିତ ।

ନବକୃଷ୍ଣ ଚୌଧୁରୀ କଟକର ପ୍ୟାରୀମୋହନ ଏକାଡେମୀ ବିଦ୍ୟାଳୟର ଛାତ୍ର ଥିଲେ । ତାଙ୍କର ପ୍ରଧାନ ଶିକ୍ଷକ ଥିଲେ- ନିମାଇଁ ଚରଣ ଚ୍ୟାଉ ପଟ୍ଟନାୟକ । ନବକୃଷ୍ଣ ହାଇସ୍କୁଲରେ ପଢ଼ିଲାବେଳେ ନିମାଇଁ ସାର୍ ତାଙ୍କୁ ଟିଉସନ୍ କରୁଥିଲେ । ସେ ଭଲ ପଢୁଥିଲେ ଓ ଭଲ ଖେଳୁଥିଲେ । ତାଙ୍କ ଘରକୁ ଲାଗିକରି କଟକର ପୁରୁଣା ଖେଳପଡ଼ିଆ 'ସନ୍‌ସାଇନ୍ ଫିଲ୍‌ଡ' ।

ସେ ପ୍ୟାରୀମୋହନ ଏକାଡ଼େମୀ ହାଇସ୍କୁଲରୁ ପାଶ୍ କରି ୧୯୧୮ ମସିହାରେ କଟକ ରେଭେନ୍ସା କଲେଜରେ ନାମ ଲେଖାଇଲେ । ସେହି ସମୟରେ ତାଙ୍କ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ ଥିଲେ ଡେପୁଟି ମାଜିଷ୍ଟ୍ରେଟ । ଚାକିରିରେ ଥାଇ ସେ ତାଙ୍କ ଘରପାଖରେ ଗୋଟିଏ ଘର ଭଡ଼ା ନେଇ ସେଠି ଗୋଟିଏ ପାଠାଗାର କରିଥିଲେ । କଲେଜ ଛାତ୍ରମାନେ ସେହି ପାଠାଗାରକୁ ଆସି ଖବର କାଗଜ ପଢ଼ନ୍ତି ଓ ଦେଶର ଘଟଣାସବୁ ଆଲୋଚନା କରନ୍ତି । ନବକୃଷ୍ଣ ସେହି ପାଠାଗାରକୁ ନିୟମିତ

Digitized by srujanika@gmail.com

ଭାବରେ ପଢ଼ିବାକୁ ଯାଉଥିଲେ । ଏହି ପାଠାଗାରର ନାମ ଥିଲା 'ଭାରତୀ ମନ୍ଦିର' ।

ନବକୃଷ୍ଣ ଚୌଧୁରୀ ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ପଢୁଥିଲାବେଳେ ୧୯୨୧ ମସିହାରେ ଭାରତବର୍ଷରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ମହାତ୍ମା ଗାନ୍ଧି ଥିଲେ ଏହି ଆନ୍ଦୋଳନର ନେତା । ଏହି ଆନ୍ଦୋଳନବେଳେ ସ୍କୁଲ କଲେଜ ପଢ଼ା ଛାଡ଼ିଦେବା ପାଇଁ ଛାତ୍ରମାନଙ୍କୁ ଗାନ୍ଧିଜୀ ଡାକରା ଦେଇଥିଲେ । ନବକୃଷ୍ଣ ଚୌଧୁରୀ ଏହି ଡାକରାରେ କଲେଜପଢ଼ା ଛାଡ଼ି ଦେଇଥିଲେ । ସେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ।

୧୯୨୨ରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ କିଛିଦିନ ବନ୍ଦ ରଖିଦେବା ପରେ ସେ ଯାଇ ଅଲକାଶ୍ରମରେ ରହିଲେ । ସେଠରେ ପଢ଼ାପଢ଼ି ଛାଡ଼ିଦେଇ ଆସିଥିବା ଛାତ୍ରମାନଙ୍କୁ ଜାତୀୟ ଶିକ୍ଷା ଦେଉଥିଲେ । ଗଠନମୂଳକ କାମ ପାଇଁ ମଧ୍ୟ ତାଲିମ୍ ଦେଉଥିଲେ । ଏହି ଅଲକାଶ୍ରମରେ ତାଙ୍କ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ ଓ ଶ୍ରୀମତୀ ରମାଦେବୀ ରହି ତାହାର ପରିଚାଳନା କରୁଥିଲେ ।

ନବକୃଷ୍ଣ ଚୌଧୁରୀ ଏହି ସମୟରେ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମକୁ ଯାଇ କିଛିଦିନ ସେଠାରେ ରହିଲେ । ଗାନ୍ଧିଜୀ ଯାହା କହୁଛନ୍ତି ତାହା ନିଜେ ମଧ୍ୟ କରୁଛନ୍ତି, ତାହା ସେ ଅନୁଭବ କଲେ । ସେଠାରୁ ସେ କଲିକତାର ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଅନୁଷ୍ଠାନ ଶାନ୍ତିନିକେତନ ଗଲେ । ସେଇଠି ସେ ଛ'ମାସ ରହିଥିଲେ ।

Digitized by srujanika@gmail.com

ଶାନ୍ତିନିକେତନଠାରେ ଏକ ନୂଆ ଢଙ୍ଗରେ ଶିକ୍ଷା ଦିଆଯାଉଥିଲା । ଭାରତୀୟ ଶିକ୍ଷା ଓ ଇଉରୋପୀୟ ଶିକ୍ଷା ଏବଂ ବିଚାରକୁ ମିଳେଇ ଏଠାରେ ଶିକ୍ଷା ଦିଆଯାଉଥିଲା । ନବକୃଷ୍ଣ ଚୌଧୁରୀ ଏଠାରେ ରହି ନୂଆ ଢଙ୍ଗରେ ଶିକ୍ଷା କିପରି ଦିଆଯାଉଛି ତାହା ଅନୁଧ୍ୟାନ କରିଥିଲେ । ଏଠାରେ ଶ୍ରୀମତୀ ମାଳତୀ ଦେବୀଙ୍କ ସଙ୍ଗେ ତାଙ୍କର ଦେଖା ହୋଇଥିଲା । ସେ ସେଠାରେ ଜଣେ ଛାତ୍ରୀ ଥିଲେ । ପରେ ୧୯୨୭ ମସିହାରେ ଶ୍ରୀମତୀ ମାଳତୀ ଦେବୀଙ୍କ ସହିତ ତାଙ୍କର ବିବାହ ହେଲା । ସେମାନେ ଆସି ତାଙ୍କ ଘରପାଖ ଖେରସ ଗାଁରେ ରହିଲେ । ଖେରସ ଗାଁରେ ଶ୍ରୀ ଚୌଧୁରୀ ଆଗରୁ ଗୋଟିଏ କୃଷିଫାର୍ମ କରିଥିଲେ । ସେ ଦି'ଜଣ ମିଶି ସେହି ଫାର୍ମରେ ଆଧୁନିକ ଧରଣର ଚାଷ କଲେ ।

ଏହି କୃଷି ଫାର୍ମରେ ସେମାନେ ଅଧିକ ଅମଳ ହେବାଭଳି ଧାନ ଓ ପନିପରିବା ଚାଷ କରାଉଥିଲେ । ଆଖ ପାଖ ଗାଁର ଲୋକେ ଆସି ଏହି ଚାଷ ଦେଖି ଶିଖୁଥିଲେ । ଚାଷଛଡ଼ା ନବକୃଷ୍ଣ ଚୌଧୁରୀ ଓ ଶ୍ରୀମତୀ ମାଳତୀ ଦେବୀ ଆଖ ପାଖ ଗାଁରେ ଖଦି ଲୁଗା ବିକ୍ରି କରୁଥିଲେ ଓ କଂଗ୍ରେସର ପ୍ରଚାର କରୁଥିଲେ ।

୧୯୩୦ ମସିହା ଏପ୍ରିଲ ମାସରେ କଂଗ୍ରେସ ଲବଣ ସତ୍ୟାଗ୍ରହ ଆରମ୍ଭ କଲା । ମହାତ୍ମା ଗାନ୍ଧି ଥିଲେ ଏହାର ନେତା । ଓଡ଼ିଶାର ସମୁଦ୍ର କୂଳରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ିଠାରେ ଏହି ସତ୍ୟାଗ୍ରହ ଚାଲିଥିଲା । ଲୁଣ ମାରିବା ମନାକରି ଇଂରେଜ ସରକାର ଯେଉଁ ଆଇନ କରିଥିଲେ ତାକୁ ନ ମାନି ସତ୍ୟାଗ୍ରହୀମାନେ ଲୁଣ ମାରି ଗିରଫ ହେଲେ ।

Digitized by srujanika@gmail.com

ବର୍ଷା ହେଲାପରେ ଲୁଣମରା ବନ୍ଦ ଥିଲା । ସେତିକିବେଳେ ଇଞ୍ଚୁଡ଼ି ଗାଁ ପାଖରେ ଶ୍ରୀଜଙ୍ଗ ଗାଁରେ ଚଉକିଦାରି ଟିକସ ବନ୍ଦ ଆନ୍ଦୋଳନ ହେଲା । ଏହି ଆନ୍ଦୋଳନର ନେତା ଥିଲେ ନବକୃଷ୍ଣ ଚୌଧୁରୀ । ସେଠାରେ ସରକାର ତାଙ୍କୁ ଗିରଫ କରିଥିଲେ । ସେ ଜେଲ୍‌ରେ ରହିଥିବାବେଳେ କଂଗ୍ରେସ କର୍ମୀଙ୍କୁ ପାଠ ପଢ଼ାଉଥିଲେ । ଖେଳ କଉତୁକରେ ମଜେଇ ରଖୁଥିଲେ । ଏହାଫଳରେ କର୍ମୀମାନେ ହସଖୁସିରେ ଜେଲ୍ ଜୀବନ କଟାଉଥିଲେ ।

୧୯୩୧ ମସିହାରେ 'ଗାନ୍ଧି-ଇର୍‌ୱଇନ୍ ଚୁକ୍ତି' ହୋଇ ଲବଣ ସତ୍ୟାଗ୍ରହ ବନ୍ଦ ହେଲା । କଂଗ୍ରେସ କର୍ମୀମାନେ ଖଲାସ ହେଲେ । ନବକୃଷ୍ଣ ଚୌଧୁରୀ ଖଲାସ ହୋଇ ପୁରୀ କଂଗ୍ରେସ ଅଧିବେଶନ କାମରେ ଲାଗିଲେ । ସେ ସ୍ୱେଚ୍ଛାସେବକମାନଙ୍କୁ ତାଲିମ୍ ଦେଉଥିଲେ । ମାତ୍ର ୧୯୩୨ରେ ପୁଣି ଅସହଯୋଗ ଆନ୍ଦୋଳନ ଚାଲିଲା । ସେଥିରେ ଯୋଗଦେଇ ସେ ଗିରଫ ହେଲେ ।

ଏଥର ଜେଲ୍‌ରେ ରହିଥିବାବେଳେ ସେ ସାମ୍ୟବାଦ ଓ ରୁଷ୍ ବିପ୍ଲବ ବିଷୟରେ ବହିସବୁ ପଢ଼ିଲେ । ସାମ୍ୟବାଦୀ ଶାସନର ସବୁ କଥା ସହିତ ସେ ଏକମତ ହୋଇ ନ ଥିଲେ । ସାମ୍ୟବାଦରେ ଏକ ଦଳୀୟ ଶାସନ ଓ ହିଂସାରେ କ୍ଷମତା ହାସଲ ସହିତ ତାଙ୍କ ମତର ଅମେଳ ଥିଲା । ମାତ୍ର କଂଗ୍ରେସ ଭିତରେ ସାମ୍ୟବାଦୀ ବିଚାରର ଆଲୋଚନା ସେ ଚାହିଁଥିଲେ ।

୧୯୩୩ ମସିହାରେ ଜେଲ୍‌ରୁ ଖଲାସ ହୋଇ ନବକୃଷ୍ଣ

Digitized by srujanika@gmail.com

ଚୌଧୁରୀ ଓ ଶ୍ରୀମତୀ ମାଳତୀ ଦେବୀ ଅନ୍ୟ କଂଗ୍ରେସ କର୍ମୀଙ୍କୁ ଡାକି ବିଚାର କଲେ । କଂଗ୍ରେସ ଭିତରେ ଥାଇ କଂଗ୍ରେସ ସାମ୍ୟବାଦୀ ଦଳ ଗଠନ କଲେ । ସାମ୍ୟବାଦୀ ଓ ଗାନ୍ଧିଜୀଙ୍କ ମତକୁ ମିଳେଇ ସେ ଠିକ୍ କଲେ ଯେ, ଦେଶର ସବୁଠୁ ଗରିବ ଅସହାୟ ଲୋକଙ୍କ ଉନ୍ନତି ପାଇଁ ସେ କାମ କରିବେ । ଏହିପରି ଲୋକଙ୍କୁ ଏକାଠି କରିପାରିଲେ କଂଗ୍ରେସ ଅଧିକ ଲୋକପ୍ରିୟ ହେବ ।

ସାମ୍ୟବାଦୀ କର୍ମୀମାନଙ୍କ ସହିତ ସେ ୧୯୩୪ ମସିହାଠାରୁ କୃଷକ ଆନ୍ଦୋଳନ ଚଳେଇଲେ । ସେ ନିଜେ ଚାଷକାମ କରି ଚାଷୀଙ୍କ ଅସୁବିଧା ସବୁ ବୁଝିଥିଲେ । ଚାଷୀମାନଙ୍କର ନିଜ ଗଛମାଛରେ ଅଧିକାର ନ ଥିଲା । ଜମିଦାରମାନେ ଚାଷୀଙ୍କ ଉପରେ ନାନା ଜୁଲମ କରୁଥିଲେ । ଚାଷୀମାନେ ଲୋକଙ୍କ ପାଇଁ ଖାଦ୍ୟ ଜିନିଷ ଅମଳ କରୁଛନ୍ତି ମାତ୍ର ସେମାନେ ସବୁଠୁ ଗରିବ ଓ ହୀନିମାନ ହୋଇ ରହିଥିଲେ ।

ସେ କୃଷକମାନଙ୍କୁ ଏକାଠି କରି ଆନ୍ଦୋଳନ କଲେ । ଏଥିରେ କୃଷକଙ୍କ ଦମ୍ଭ ଓ ସାହସ ବଢ଼ିଲା । ସେମାନଙ୍କ ହୀନିମାନ ଅବସ୍ଥା ଅପସରି ଗଲା । ୧୯୩୭ ମସିହା ଓଡ଼ିଶା ବିଧାନସଭା ନିର୍ବାଚନରେ ସେ ପ୍ରାର୍ଥୀ ହୋଇ ସଭ୍ୟ ହେଲେ । ସେ ତାଙ୍କ କୃଷକ ଆନ୍ଦୋଳନର ସାଙ୍ଗମାନଙ୍କ ସହିତ ମିଶି ବିଧାନସଭାରେ ଚାଷୀଙ୍କ ଅସୁବିଧା ଦୂର କରିବାକୁ ଦାବି କରିଥିଲେ ।

ସେମାନଙ୍କ ଦାବି ଯୋଗୁଁ ସରକାର ପ୍ରଜାସ୍ୱତ୍ୱ ଆଇନକୁ ବଦଳାଇଲେ । ଚାଷୀମାନେ ଗଛମାଛ ଉପରେ ଅଧିକାର ପାଇଲେ ।

Digitized by srujanika@gmail.com

ଦାଖଲ ଖାରଜ ରୋସମ ଉଠିଗଲା । ମଠ ଆଇନ ବଦଳିଲା । ସେତେବେଳକୁ ଜମିଦାରି ଉଠି ନ ଥିଲା ।

୧୯୪୨ ଅଗଷ୍ଟ ମାସରେ କଂଗ୍ରେସ ଇଂରେଜ ଶାସନକୁ ଲୋପ କରିବାକୁ ଶେଷ ଆନ୍ଦୋଳନ କଲା । ଏହି ଭାରତଛାଡ଼ ଆନ୍ଦୋଳନ ଭାବରେ ପରିଚିତ । ଦେଶରୁ ଇଂରେଜ ଶାସନକୁ ଅଚଳ କରିଦେବା ପାଇଁ ଲୋକେ ନିଜ ବିଚାର ଅନୁଯାୟୀ କାମ କଲେ । ଅନ୍ୟ କଂଗ୍ରେସ ନେତାଙ୍କ ସହିତ ନବକୃଷ୍ଣ ଚୌଧୁରୀ ଗିରଫ ହୋଇ ଅଟକବନ୍ଦୀ ହୋଇ ରହିଲେ ।

ଦ୍ୱିତୀୟ ମହାଯୁଦ୍ଧ ପରେ ଅନ୍ୟ ବନ୍ଦୀଙ୍କ ସହିତ ନବବାବୁ ଖଲାସ ହେଲେ । ୧୯୪୬ରେ ନିର୍ବାଚନ ହେଲା । ନବବାବୁ ନିର୍ବାଚନରେ ବିଧାନସଭାକୁ ସଭ୍ୟ ନିର୍ବାଚିତ ହୋଇ ରାଜସ୍ୱମନ୍ତ୍ରୀ ହୋଇଥିଲେ । ସେତେବେଳକୁ ଓଡ଼ିଶାର ତଥା ସାରା ଦେଶର ରାଜସ୍ୱ ଆଇନ ପଢ଼ାପଢ଼ି କରି ସେ ବିଷୟରେ ସେ ପୋଖତ ହୋଇସାରିଥିଲେ ।

ରାଜସ୍ୱମନ୍ତ୍ରୀ ଥିଲାବେଳେ ସରକାର ତାଙ୍କ ସଭାପତିତ୍ୱରେ ଓଡ଼ିଶା ଜମିଜମା କମିଟି ବସେଇଲେ । ଓଡ଼ିଶାରୁ ଜମିଦାରି ଉଠାଇବା ପାଇଁ ଏହି କମିଟି ସୁପାରିଶ କରିଥିଲା । ଏହି କମିଟି ଓଡ଼ିଶାରେ ଲୋକଙ୍କୁ ଶାସନ କ୍ଷମତାରେ ଭାଗୀଦାର କରିବା ପାଇଁ ଚାହିଁଥିଲେ । ଅଞ୍ଚଳ ଶାସନ ଆଇନ କରି ଲୋକଙ୍କ ହାତକୁ ଶାସନ କ୍ଷମତା ଦେବାକୁ କମିଟି ସୁପାରିଶ କରିଥିଲା ।

ସେ ଯୋଗାଣ ଓ ଯାନବାହନ ମନ୍ତ୍ରୀ ମଧ୍ୟ ଥିଲେ । ଯୋଗାଣ

Digitized by srujanika@gmail.com

ବିଭାଗ ଲୋକଙ୍କୁ ପଡ଼ିକାର୍ଡ ଦେବାକୁ ଯେପରି ବିଳମ୍ବ ନ କରେ ଓ ଏଥିରେ ଯେପରି ଜାଲିୟାତି ନ ହୁଏ, ସେଥିପାଇଁ ସେ ନିୟମକୁ ବଦଳାଇଥିଲେ । ସରକାର ନିଜେ ପ୍ରଥମେ ବସ୍ ଚଳାଚଳ କରିବେ ବୋଲି ଠିକ୍ କରିଥିଲେ ।

୧୯୫୦ ଠାରୁ ୧୯୫୬ ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିଲେ । ଏହି ସମୟ ଭିତରେ ଜମିଦାରି ଉଚ୍ଛେଦ ହେଲା । ଜମିଦାରଙ୍କୁ କ୍ଷତିପୂରଣ ଦିଆଗଲା । ସେମାନଙ୍କ ବଳକା ଜମି ସରକାର ନେଇଗଲେ । ଭାଗଚାଷ ଆଇନ୍ କାର୍ଯ୍ୟକାରୀ ହେଲା । ଏହି ଆଇନ୍ ଅନୁସାରେ ୩୩ ଏକରରୁ ଅଧିକ ଜମିଥିବା ଜମି ମାଲିକମାନେ ଭାଗଚାଷୀଙ୍କଠାରୁ ଜମି ଛଡ଼େଇ ନେଇପାରିବେ ନାହିଁ । ଜମି ମାଲିକ ଭାଗଚାଷୀଙ୍କୁ ଜମିରୁ ମିଳିଥିବା ଫସଲର ଷୋଳ ଅଣାରୁ ଦଶଅଣା ଅଂଶ ଦେବେ ଓ ନିଜେ ଛଅଅଣା ନେବେ ।

ସେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଅଞ୍ଚଳ ଶାସନ ଆଇନ କରାଯାଇଥିଲା । ଏଥିରେ ଓଡ଼ିଶାକୁ କେତୋଟି ଅଞ୍ଚଳରେ ଭାଗ ଭାଗ କରାଯିବ । ଲୋକଙ୍କ ଭୋଟ ପାଇ ଆସିଥିବା ଅଞ୍ଚଳର ପ୍ରତିନିଧିମାନେ ସେ ଅଞ୍ଚଳର ସମସ୍ତ ଉନ୍ନତିମୂଳକ କାମ କରିବେ । ସେମାନେ ରାଜସ୍ୱ ଆଦାୟ କରିବେ । ଏହି ଆଇନ୍‌ରେ ଗାଁଗଣ୍ଡାର ଲୋକେ ଶାସନରେ ଭାଗ ନେଇପାରିବେ ।

ତାଙ୍କ ଶାସନ ସମୟରେ କୃଷିର ଉନ୍ନତି ଉପରେ ଜୋର୍ ଦିଆଯାଇଥିଲା । ଏହି ସମୟରେ ଭୁବନେଶ୍ୱରଠାରେ କୃଷି କଲେଜ

Digitized by srujanika@gmail.com

ସ୍ଥାପନ କରାଗଲା । ଏହି କଲେଜ ସ୍ଥାପନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ତାଙ୍କ ଭାଷଣରେ କହିଥିଲେ- ''ଶିକ୍ଷିତ ପିଲାମାନେ ଚାଷକାମ ନିଜେ କରିବା ଉଚିତ । ହାତରେ କାମ କରିବାକୁ ସେମାନେ ଘୃଣା କରିବା ଉଚିତ ନୁହେଁ । ଆମ ଦେଶର ସାଆନ୍ତିଆ ସମାଜ ଯୋଗୁଁ ଏପରି ମନୋଭାବ ହୋଇଛି ।'' ଏହି ସମୟରେ ଗ୍ରାମପଞ୍ଚାୟତ ଆଇନ୍ ମଧ୍ୟ କାର୍ଯ୍ୟକାରୀ ହେଲା ।

ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିଲାବେଳେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା । ସେ ଓଡ଼ିଶାର ଶାସନ ଢାଞ୍ଚାକୁ ବଦଳାଇଲେ । ଆଗେ ରାଜସ୍ୱ ଆଦାୟ କରିବା ଥିଲା ଜିଲ୍ଲା କଲେକ୍ଟରଙ୍କ ପ୍ରଧାନ କାମ; ମାତ୍ର ଏବେ ଉନ୍ନତିମୂଳକ କାମ ହେଲା ତାଙ୍କର ପ୍ରଧାନ କାମ । ସବୁ ବିଭାଗର ପ୍ରତିନିଧି ତାଙ୍କ ଅଧୀନରେ ରହି ମିଳିମିଶି କାମ କଲେ । ସେ ଆଇନ କରି ଆଦିବାସୀ ଅଞ୍ଚଳରୁ ବେଠି ଓ ମୁଠା ଝାରି ପ୍ରଥା ଉଠାଇ ଦେଇଥିଲେ ।

ଶାସନରେ ଠକେଇ, ଜାଲିଆତି ଓ ଅସାଧୁ କାରବାର ବନ୍ଦ କରିବାକୁ ସେ ସବୁ ପ୍ରକାର ଉଦ୍ୟମ କରିଥିଲେ । ଅସାଧୁ କାରବାର କରି ଯିଏ ଧରାପଡୁଥିଲେ, ସେ ତାଙ୍କୁ ମୋଟେ ଛାଡୁ ନ ଥିଲେ । ସେ ସଭାରେ ଗୀତାର ଶ୍ଲୋକ ବୋଲି କହୁଥିଲେ- ''ସମାଜରେ ଯେଉଁମାନେ ସବୁଠୁ ଉଚ୍ଚ ସ୍ଥାନରେ ରହିଛନ୍ତି ସେମାନେ ଯେପରି ଆଚରଣ କରିବେ ସାଧାରଣ ଲୋକେ ସେହିପରି ଆଚରଣ କରିଥାନ୍ତି । ତେଣୁ ଶାସନର ଉଚ୍ଚସ୍ତରରେ ଥିବା ଲୋକେ ସାଧୁ, ସଚ୍ଚୋଟ ହେବା ଉଚିତ ।''

Digitized by srujanika@gmail.com

ନିର୍ବାଚନରେ ଯେ ଅସାଧୁ କାରବାର ହେଉଛି ସେଥିରେ ଦେଶର ଅନିଷ୍ଟ ହେବ ବୋଲି ସେ ଜାଣିପାରିଥିଲେ । ସେ ୧୯୫୩ ମସିହାରେ ସେତେବେଳର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓ ଅନ୍ୟ କଂଗ୍ରେସ ନେତାମାନଙ୍କୁ ଏ ବିଷୟ ଚେତେଇ ଦେଇଥିଲେ । ସେ କହିଥିଲେ- "ନିର୍ବାଚନ ହିସାବ ଠିକ୍‌ଭାବରେ ଦିଆଯାଉ । ଜାଲିଆତି କରା ନ ଯାଉ । ନିର୍ବାଚନ ଖର୍ଚ୍ଚ ପାଇଁ ଯେଉଁ ଟଙ୍କା ସଂଗ୍ରହ ହେବ ତାହା ସମସ୍ତେ ଜାଣିକରି ହେଉ ।"

ସରକାରୀ ସ୍ତରରେ ଓଡ଼ିଆ ଭାଷା ଚଳେଇବାରେ ସେ ମନ ଦେଇଥିଲେ । ଏ ବିଷୟରେ ଥିବା ଆଇନକୁ ସେ ବଦଳେଇଥିଲେ । ଶାସନ କାର୍ଯ୍ୟରେ ଚଳୁଥିବା ଶବ୍ଦଗୁଡ଼ିକ ନେଇ ଗୋଟିଏ ଇଂରେଜୀ-ଓଡ଼ିଆ ଅଭିଧାନ ତିଆରି କରାଇଥିଲେ । ତାଙ୍କ ଶାସନବେଳେ ହୀରାକୁଦ ବନ୍ଧର ସମସ୍ତ କାମ ଶେଷ ହୋଇଥିଲା । ରାଉରକେଲା ଇସ୍ପାତ କାରଖାନାର ତିଆରି ଆରମ୍ଭ ହୋଇଥିଲା ।

ନବକୃଷ୍ଣ ଚୌଧୁରୀଙ୍କ ଶାସନର ଶେଷବେଳକୁ ପୂଜ୍ୟ ବିନୋବା ଭାବେ ଓଡ଼ିଶାରେ ଭୂଦାନ ପାଇଁ ପଦଯାତ୍ରା କରିଥିଲେ । ସେ ଏହି ପଦଯାତ୍ରାବେଳେ ତାଙ୍କ ସହିତ କିଛିଦିନ ଯାଇଥିଲେ । ତାଙ୍କ କାମରେ ସହଯୋଗ କରିଥିଲେ ।

ସେ ଦେଶରେ ସର୍ବପ୍ରଥମେ ଭାଗଚାଷ ଆଇନ ଓ ଅଞ୍ଚଳଶାସନ ଆଇନ କରାଇଥିଲେ । ଏହିସବୁ ଆଇନରେ ଲୋକେ ଯେତେ ଉପକାର ପାଇବା କଥା ତାହା ପାଇଲେ ନାହିଁ । ଶ୍ରୀଯୁକ୍ତ ଚୌଧୁରୀଙ୍କ ମତରେ

Digitized by srujanika@gmail.com

ଖାଲି ଆଇନ୍ କରିଦେଲେ ଲୋକେ ଉପକାର ପାଇପାରିବେ ନାହିଁ । ଏହି ଆଇନ୍ ପଛରେ ଲୋକମତ ନ ଥିଲେ ତାହା କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏଥିପାଇଁ ଜନଜାଗରଣ ଦରକାର ।

ଜନଜାଗରଣ କାର୍ଯ୍ୟରେ ଲାଗିବା ପାଇଁ ଜନନାୟକ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଚାଲି ଯାଇଥିଲେ । ସେ ଛ'ବର୍ଷ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିଥିଲେ ।

ଜନନାୟକ ନବକୃଷ୍ଣ ଚୌଧୁରୀ ୨୦ ବର୍ଷ ବୟସରେ କଂଗ୍ରେସରେ ଯୋଗ ଦେଲାବେଳେ ତାଙ୍କ ବେଶ ପୋଷାକ ଓ ଖାଇବା ପିଇବା ଯେପରି ସରଳ ଓ ସାଧାସିଧା ଥିଲା, ମୁଖ୍ୟମନ୍ତ୍ରୀ ଥିଲାବେଳେ ତାହା ଠିକ୍ ସେଇପରି ଥିଲା । ତେଣୁ ମୁଖ୍ୟମନ୍ତ୍ରୀ ପଦରୁ ଗଲାପରେ ପେଟ୍ରୋଲ୍ ଓ ମଟର ଯନ୍ତ୍ରପାତି କିଣିବା ବାବଦରେ ତାଙ୍କ ଉପରେ କିଛି ଟଙ୍କା ବାକିଥିଲା । ନିଜର ମଟରଗାଡ଼ିକୁ ବିକିଦେଇ ସେ ସେହି ଟଙ୍କା ଶୁଝିଥିଲେ ।

ଶାସନରେ ହେଉ ବା ଦଳରେ ହେଉ, କୌଣସି ବଡ଼ ପଦରେ ରହିବା ପାଇଁ ତାଙ୍କର ଲୋଭ ନ ଥିଲା । ଗରିବ ଅସହାୟ ଲୋକଙ୍କ ସେବାପାଇଁ ସେ ଶାସନରେ ରହିଥିଲେ । ଶାସନରୁ ଆସିବା ପରେ ପୁଣି ସେ ସାଧାରଣ ଲୋକଙ୍କ ପରି ଧାଡ଼ିରେ ଛିଡ଼ାହୋଇ ଟିକେଟ୍ କିଣିଲେ । ବସ୍‌ରେ ବା ଟ୍ରେନ୍‌ରେ ନିଜ ବିଛଣାପତ୍ର ନିଜେ ନେଇ ସେ ଯାଉଥିଲେ ।

୧୯୭୫ ମସିହାରେ ଦେଶରେ ସରକାର ଜରୁରୀକାଳୀନ ଶାସନ ଜାରି କଲେ । ସେଥିରେ ବ୍ୟକ୍ତିଗତ ସ୍ୱାଧୀନତା ରହିଲା ନାହିଁ ।

Digitized by srujanika@gmail.com

ଜନନାୟକ ନବକୃଷ୍ଣ ଚୌଧୁରୀ ତାର ପ୍ରତିବାଦ କଲେ । ସରକାର ତାଙ୍କୁ ଗିରଫ କରି ନେଇ ଅଟକବନ୍ଦୀ କରି ରଖିଲେ । ସେତେବେଳକୁ ତାଙ୍କୁ ୭୫ ବର୍ଷ ।

ଅଟକବନ୍ଦୀ ହୋଇ ରହିବା ପରେ ସେ ଅତି ଅସୁସ୍ଥ ହୋଇ ପଡ଼ିଲେ । ପକ୍ଷାଘାତ ରୋଗରେ ପୀଡ଼ିତ ହେଲେ । ବର୍ଷକ ପରେ ତାଙ୍କୁ ଜେଲ୍‌ରୁ ଖଲାସ କରି ଦିଆଗଲା । ତାଙ୍କ ଶରୀରର ଶକ୍ତି କମିଗଲା । ମାତ୍ର ମନର ଶକ୍ତି କିଛି କମି ନ ଥିଲା ।

ଶେଷ ଜୀବନଯାଏ ସେ ପୃଥିବୀର ନୂଆ ବିଚାର ବିଷୟରେ ଲେଖା ହେଉଥିବା ବହି କିଣି ପଢୁଥିଲେ । ସେହିପରି ବହିସବୁ କିଣିବା ପାଇଁ ସେ ତାଙ୍କ ବନ୍ଧୁଙ୍କୁ ଟଙ୍କା ମାଗୁଥିଲେ । ଅନ୍ୟ କୌଣସି କାମ ପାଇଁ ଟଙ୍କା ଚାହୁଁ ନ ଥିଲେ । କିଏ ଟଙ୍କା ଯାଚିଲେ ତାହା ଫେରାଇ ଦେଉଥିଲେ ।

ଜନନାୟକ ନବକୃଷ୍ଣ ଚୌଧୁରୀ ଗରିବ ଓ ଅସହାୟ ଲୋକଙ୍କ ସେବା କରିବା ପାଇଁ ରାଜନୀତିରେ ପଶିଥିଲେ । ସାରାଜୀବନ ସେ ତାହା ହିଁ କରି ଚାଲିଥିଲେ । ମନ ଥିଲେ ମଧ୍ୟ ତାହା କରିବାକୁ ଶେଷରେ ତାଙ୍କର ବଳ ପାଇଲା ନାହିଁ । ଯେଉଁମାନେ ଏହିପରି ଲୋକଙ୍କ ସେବା କରୁଥିଲେ, ତାଙ୍କ ପ୍ରତି ସେ ସମର୍ଥନ ଜଣାଉଥିଲେ ।

ଜନନାୟକ ନବକୃଷ୍ଣ ଚୌଧୁରୀ ୧୯୮୪ ମସିହା ଜୁନ୍ ୨୪ ତାରିଖରେ ଇହଧାମ ତ୍ୟାଗ କଲେ ।

●

Digitized by srujanika@gmail.com